"ସବ୍ କା ମାଲିକ୍ ଏକ୍ ହେ"

ଶ୍ରୀ ସାଇବାବାଙ୍କ ସକଳ ମନସ୍କାମନା ସିଦ୍ଧ ଯନ୍ତ୍ର



ଶ୍ରୀ ସାଇବାବାଙ୍କ ସକଳ ମନସ୍କାମନା ସିଦ୍ଧ ଯନ୍ତ୍ରକୁ ଦର୍ଶନ କଲା ପରେ ଶ୍ରୀ ସାଇବାବାଙ୍କ ବ୍ରତ କଥା ଆରମ୍ଭ କରନ୍ତୁ। ଏହି ଯନ୍ତ୍ର ଦର୍ଶନ କରି ବ୍ରତ ପାଠ କରିବା ଦ୍ୱାରା ସମସ୍ତ ମନସ୍କାମନା ପୂର୍ଣ୍ଣ ହୁଏ।

ଆମଠାରେ ଗୀତା, ସଂହିତା, ବେଦ, ଅଷ୍ଟାଦଶ ପୁରାଣ, ନାଟକ, ଗୀତିନାଟ୍ୟ, ଭାଗବତ, ଜ୍ୟୋତିଷ, ଆୟୁର୍ବେଦ ଚିକିତ୍ସା, କର୍ମକାଣ୍ଡ, ଉପନ୍ୟାସ, ଡିଟେକ୍ଟିଭ, କାହାଣୀ, ମନ୍ତ୍ର ଯନ୍ତ୍ର ତନ୍ତ୍ର, ମହାପୁରୁଷଙ୍କ ଜୀବନୀ, ଗ୍ରନ୍ଥାବଳୀ, ପୂଜା, ବ୍ରତ, ଓଷା, ସ୍ତୁତି ଇତ୍ୟାଦି ଚଟି ବହି ସୁବିଧା ଦରରେ ମିଳେ।

ବ୍ୟବସାୟୀମାନଙ୍କୁ ଉଚିତ କମିଶନ ଦିଆଯାଏ

ପ୍ରକାଶକ ଓ ସର୍ବାଧିକାରକ
ସନ୍ତୋଷ ପ୍ରକାଶନୀ
ପୁରୁଣା ବସଷ୍ଟାଣ୍ଡ, ବ୍ରହ୍ମପୁର - ୧ (ଗଞ୍ଜାମ)
ମୋବାଇଲ୍ : ୯୮୬୧୦ ୩୧୧୯୧

ପ୍ରାପ୍ତିସ୍ଥାନ
ସନାତନ ପ୍ରକାଶନ
ଷ୍ଟେଟ ବ୍ୟାଙ୍କ ରୋଡ୍, ବ୍ରହ୍ମପୁର - ୧
ମୋବାଇଲ୍-୯୯୩୭୬୬୨୯୪୧୨

ଶ୍ରୀ ଶିରିଡ଼ି ସାଇବାବାଙ୍କ ନଅ ଗୁରୁବାର ବ୍ରତ କଥା



ପ୍ରକାଶକ- ସନ୍ତୋଷ ପ୍ରକାଶନୀ, ବ୍ରହ୍ମପୁର-୧

॥ ଓଁ ଶ୍ରୀ ଶ୍ରୀ ଶ୍ରୀ ସାଇନାଥାୟ ନମଃ ॥

ଶ୍ରୀ ଶିରିଡ଼ି ସାଇବାବାଙ୍କ

ନଅ ଗୁରୁବାର ବ୍ରତକଥା

ସକଳ ମନୋକାମନା ପ୍ରଦାୟକ ତଥା
ଐଶ୍ୱର୍ଯ୍ୟ ପ୍ରାପ୍ତି ପାଇଁ ଅଦ୍ଭୁତ ଚମତ୍କାରୀ
ସାଇବାବାଙ୍କ ନଅ ଗୁରୁବାର ବ୍ରତକଥା

ସଂଗ୍ରାହକ : ପଣ୍ଡିତ ଶ୍ରୀ ଅରୁଣ ପଟ୍ଟନାୟକ

✤ ପ୍ରକାଶକ ଓ ସର୍ବାଧିକାରକ ✤
ସନ୍ତୋଷ ପ୍ରକାଶନୀ
ଷ୍ଟେଟ୍ ବ୍ୟାଙ୍କ୍ ରୋଡ୍, ବ୍ରହ୍ମପୁର - ୧

ମୂଲ୍ୟ : ବାର ଟଙ୍କା ମାତ୍ର

ଶ୍ରୀ ସାଇ ଶରଣଂ ସ୍ତୋତ୍ର

ସର୍ବ-ସାଧନହୀନସ୍ୟ, ପରାଧୀନସ୍ୟ ସର୍ବଥା,
ପାପପୀନସ୍ୟ ଦୀନସ୍ୟ, ଶ୍ରୀ ସାଇ ଶରଣଂ ମମ ।୧।
ସଂସାର-ସୁଖ-ସଂପ୍ରାପ୍ତି, ସମ୍ମୁଖସ୍ୟ ବିଶେଷତଃ
ବହିର୍ମୁଖସ୍ୟ ଜୀବସ୍ୟ, ଶ୍ରୀ ସାଇ ଶରଣଂ ମମ ।୨।
ସଦା ବିଷୟ କାମସ୍ୟ, ଦେହରାମସ୍ୟ ସର୍ବଥା
ଦୁଷ୍ଟ ସ୍ୱଭାବ ବାମସ୍ୟ, ଶ୍ରୀ ସାଇ ଶରଣଂ ମମ ।୩।
ସଂସାର ସର୍ପଦ୍ରଷ୍ଟସ୍ୟ ଧର୍ମଭ୍ରଷ୍ଟସ୍ୟ ଦୁର୍ମତେ
ଲୌକିକ ପ୍ରାପ୍ତି କଷ୍ଟସ୍ୟ, ଶ୍ରୀ ସାଇ ଶରଣଂ ମମ ।୪।
ବିସ୍ମୃତଂ ସ୍ୱୀୟ ଧର୍ମସ୍ୟ, କର୍ମ ମୋହିତ ଚେତସଃ
ସ୍ୱରୂପ ଜ୍ଞାନଶୂନ୍ୟସ୍ୟ, ଶ୍ରୀ ସାଇ ଶରଣଂ ମମ ।୫।
ବିଷୟାକ୍ରାନ୍ତ ଦେହସ୍ୟ, ବୈମୁଖ୍ୟତତ ସମଂତେ,
ଇନ୍ଦ୍ରିୟାଶ୍ଚ ଗୃହୀତସ୍ୟ, ଶ୍ରୀ ସାଇ ଶରଣଂ ମମ ।୬।
ସଂସାର-ସିନ୍ଧୁ-ମଗ୍ନସ୍ୟ, ଭଗ୍ନ ଭାବସ୍ୟ ଦୁଷ୍କୃତେ
ଦୁର୍ଭାବ ଭଗ୍ନଚିତ୍ତସ୍ୟ, ଶ୍ରୀ ସାଇ ଶରଣଂ ମମ ।୭।
ବିବେକ ଧୈର୍ଯ୍ୟ ଭକ୍ତ୍ୟାଦି ରହିତସ୍ୟ ନିରନ୍ତରମ୍
ବିରୁଦ୍ଧ କରୁ ନାସକତେ, ଶ୍ରୀ ସାଇ ଶରଣଂ ମମ ।୮।
ସର୍ବ ସାଧନ ଶୂନ୍ୟସ୍ୟ ସାଧନଂ ସାଇ ଏବହୁ,
ତସ୍ମାଦ୍ ସର୍ବାତ୍ମନା ନିତ୍ୟଂ, ଶ୍ରୀ ସାଇ ଶରଣଂ ମମ ।୯।
ତ୍ୱମେବ ମାତା ଚ ପିତା ତ୍ୱମେବ, ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ ।
ତ୍ୱମେବ ବିଦ୍ୟା ଦ୍ରବିଣଂ ତ୍ୱମେବ, ତ୍ୱମେବ ସର୍ବଂ ମମ ସାଇନାଥ ॥
କାୟେନ ବାଚା ମନସୈନ୍ଦ୍ରିୟୈର୍ବା ବୁଦ୍ଧ୍ୟାତ୍ମନା ବା ପ୍ରକୃତି ସ୍ୱଭାବତ୍ ।
କରୋମି ଯଦ୍ୟତତ୍ ସକଳଂ ପରସ୍ମୈ, ନାରାୟଣାୟେତି ସମର୍ପୟାମି ॥

ହରି ଓଁ ତତ୍‌ସତ୍ । ଶ୍ରୀ ସାଇ ପରମାତ୍ମନେ ନମଃ ॥

ଶ୍ରୀ ସାଇ ଶରଣଂ ମମ

ଶ୍ରୀ ସାଇ ଶରଣଂ ମମ, ଶ୍ରୀ ସାଇ ଶରଣଂ ମମ,
ଶ୍ରୀ ସାଇ ଶରଣଂ ମମ, ଶ୍ରୀ ସାଇ ଶରଣଂ ମମ । ୧ ।
ନାମ କେରି ଡ଼ାଲି ବୋଲେ, ଶ୍ରୀ ସାଇ ଶରଣଂ ମମ,
ଦ୍ୱାରକାମାୟୀ କି ଧୂନି ବୋଲେ, ଶ୍ରୀ ସାଇ ଶରଣଂ ମମ । ୨ ।
ଚାନ୍ଦ ପାଟିଲ୍ କି ଘୋଡ଼ୀ ବୋଲେ, ଶ୍ରୀ ସାଇ ଶରଣଂ ମମ,
ମହାଲସାପତି କି ଭକ୍ତି ବୋଲେ, ଶ୍ରୀ ସାଇ ଶରଣଂ ମମ । ୩ ।
ଶିରିଡ଼ି ଗାଁଓ କି ଗଲିୟାଁ ବୋଲେ, ଶ୍ରୀ ସାଇ ଶରଣଂ ମମ,
ଝାଞ୍ଜ-ପଖଜ ଭଜନିକ ବୋଲେ, ଶ୍ରୀ ସାଇ ଶରଣଂ ମମ । ୪ ।
ଲକ୍ଷ୍ମୀବାଇ କା ଥାଲ ବୋଲେ, ଶ୍ରୀ ସାଇ ଶରଣଂ ମମ,
ଉଦ୍ଧବବୁଓ୍ୱା କା ଭାବ ବୋଲେ, ଶ୍ରୀ ସାଇ ଶରଣଂ ମମ । ୫ ।
ଦାସ ଗଣୁ କା ଭଜନ ବୋଲେ, ଶ୍ରୀ ସାଇ ଶରଣଂ ମମ,
ଭକ୍ତୋଂ କି ଭୁପାଲୀ ବୋଲେ, ଶ୍ରୀ ସାଇ ଶରଣଂ ମମ । ୬ ।
ବାୟଜାବାଇ କି ରୋଟି ବୋଲେ, ଶ୍ରୀ ସାଇ ଶରଣଂ ମମ,
ସାଇବାବା କି ଚିଲମ ବୋଲେ, ଶ୍ରୀ ସାଇ ଶରଣଂ ମମ । ୭ ।
ତାତ୍ୟା କୋଟେ କି ସେବା ବୋଲେ, ଶ୍ରୀ ସାଇ ଶରଣଂ ମମ,
ସାଇବାବା କି ପାଦୁକା ବୋଲେ, ଶ୍ରୀ ସାଇ ଶରଣଂ ମମ । ୮ ।
ସାଇବାବା କି ସଟ୍‌କା ବୋଲେ, ଶ୍ରୀ ସାଇ ଶରଣଂ ମମ,
ପଶୁପକ୍ଷୀ ଔର୍ ବଚ୍ଛେ ବୋଲେ, ଶ୍ରୀ ସାଇ ଶରଣଂ ମମ । ୯ ।
ନାନାସାହେବ କି ଧ୍ୱଜା ବୋଲେ, ଶ୍ରୀ ସାଇ ଶରଣଂ ମମ,
ସାଇବାବା କି ହାଣ୍ଡି ବୋଲେ, ଶ୍ରୀ ସାଇ ଶରଣଂ ମମ । ୧୦ ।
ଦ୍ୱାରକାମୟୀ କା ଖମ୍ବା ବୋଲେ, ଶ୍ରୀ ସାଇ ଶରଣଂ ମମ,
ବାଲାଜୀ କା ଗେହୁଁ ବୋଲେ, ଶ୍ରୀ ସାଇ ଶରଣଂ ମମ । ୧୧ ।

ସାଇବାବା କି ଚକ୍କି ବୋଲେ, ଶ୍ରୀ ସାଇ ଶରଣଂ ମମ,
ହେମଦ୍‌ପନ୍ତ କି ଲେଖିନୀ ବୋଲେ, ଶ୍ରୀ ସାଇ ଶରଣଂ ମମ । ୧୨ ।
ଚନ୍ଦ୍ର-ସୂର୍ଯ୍ୟ ନଭ ସେ ବୋଲେ, ଶ୍ରୀ ସାଇ ଶରଣଂ ମମ,
ତାରଲିଯା କେ ଝୁମକେ ବୋଲେ, ଶ୍ରୀ ସାଇ ଶରଣଂ ମମ ।୧୩।

◆◆◆

ଓଁ ଶ୍ରୀ ସାଇବାବାଙ୍କ ଏକାଦଶ ବଚନ

୧. ଶିରିଡ଼ି କ୍ଷେତ୍ର ହିଁ ସର୍ବ ଦୁଃଖ ପରିହାରକ ।

୨. ଆର୍ତ୍ତୀ ହେଉ ବା ଅର୍ଥାର୍ଥୀ ହେଉ, ଦ୍ୱାରକାମୟୀରେ ପ୍ରବେଶ କରିବା ମାତ୍ରେ ସୁଖ ଓ ସଂପଦ ଲାଭ କରେ ।

୩. ଏ ମର ଶରୀର ନଷ୍ଟ ହୋଇଗଲା ପରେ ମଧ ମୁଁ ଚିର ଜାଗ୍ରତ ଥାଏ ।

୪. ମୋ ସମାଧିରୁ ହିଁ, ଭକ୍ତ ସଂରକ୍ଷଣ ହେଉଛି ।

୫. ମୋ ସମାଧିରୁ ମୋ ଭୌତିକ ଶରୀର କଥା କହେ ।

୬. ମୋର ଆଶ୍ରିତ ଓ ଶରଣାଗତମାନଙ୍କୁ ରକ୍ଷା କରିବା ହିଁ ମୋର ପରମ କର୍ତ୍ତବ୍ୟ ।

୭. ଯେଉଁମାନଙ୍କ ଦୃଷ୍ଟି ମୋ ଉପରେ ଅଛି, ସେ ସମସ୍ତେ ମୋର କୃପା କଟାକ୍ଷ ଲାଭ କରନ୍ତି ।

୮. ତୁମର ସମସ୍ତ ଭାର ମୋ ଉପରେ ଛାଡ଼ିଦିଅ, ମୁଁ ସେ ସବୁକୁ ବହନ କରିବି ।

୯. ମୋର ସାହାଯ୍ୟ ବା ଉପଦେଶ ଚାହିଁଲା ମାତ୍ରେ ତତ୍‌କ୍ଷଣାତ୍ ମୁଁ ସେଗୁଡ଼ିକୁ ଦେଇଥାଏ ।

୧୦. ମୋ ଭକ୍ତମାନଙ୍କ ଘରେ 'ଅଭାବ' ଶବ୍ଦ ଶୁଣିବାକୁ ମିଳେ ନାହିଁ ।

୧୧. ମୁଁ ମୋ ସମାଧିରୁ ହିଁ, ସମସ୍ତ କାର୍ଯ୍ୟ ନିର୍ବାହ କରିଥାଏ ।

ଶ୍ରୀ ଶ୍ରୀ ସାଇବାବାଙ୍କ ବ୍ରତର ନିୟମ

ଗୁରୁବାର ଦିନ ଶୁଚିପୂତ ଭାବରେ ସଚ୍ଚିଦାନନ୍ଦ ସଦ୍‌ଗୁରୁ ଶ୍ରୀ ଶିରିଡ଼ି ସାଇବାବାଙ୍କୁ ଧ୍ୟାନ କରି ଭକ୍ତ ଗୁରୁବାର ବ୍ରତ କଥା ବହିଟିକୁ ବାବାଙ୍କ ପାଦରେ ସ୍ପର୍ଶ କରାଇ ବ୍ରତ ପାଠ ଆରମ୍ଭ କରନ୍ତୁ । ବ୍ରତ ପାଠ ଆରମ୍ଭ ପୂର୍ବରୁ ବାବାଙ୍କୁ ନିଜର ମନୋକାମନା ଜଣାନ୍ତୁ । ଏହି ଗୁରୁବାର ବ୍ରତକୁ ବୃଦ୍ଧ, ବାଳକ, ପୁରୁଷ, ସ୍ତ୍ରୀ, ସଧବା ସମସ୍ତେ ହିଁ ସହଜ ଭାବରେ ପାଳନ କରିପାରିବେ ।

ଶିରିଡ଼ି ସାଇବାବା ହେଉଛନ୍ତି ଦୟାର ପ୍ରତୀକ । ତାଙ୍କୁ ଯିଏ ଶ୍ରଦ୍ଧାର ସହିତ ପ୍ରାର୍ଥନା କରିବେ ଏବଂ ଧୈର୍ଯ୍ୟଚ୍ୟୁତ ନ ହେବେ, ସିଏ ନିଶ୍ଚିତ ଭାବରେ ବାବାଙ୍କୁ ଯେ ଦର୍ଶନ କରିପାରିବେ ଏଥିରେ ସନ୍ଦେହ ନାହିଁ । ବାବାଙ୍କର ଦୁଇଗୋଟି ମୁଖ୍ୟ ଜିନିଷ ହେଉଛି ଶ୍ରଦ୍ଧା ଏବଂ ସବୁରୀ (ଧୈର୍ଯ୍ୟ) ।

ବାବାଙ୍କର ବ୍ରତରେ ନୈବେଦ୍ୟ ଆଦିର ବିଶେଷ କିଛି ଆଡ଼ମ୍ବର ନାହିଁ । ସାଧାରଣ ଭାବରେ ରୁଟି ଭଜା ଚହ୍ଲା ଇତ୍ୟାଦି ସାଦା ପ୍ରସାଦର ବ୍ୟବସ୍ଥା କରିବେ । ଶ୍ରଦ୍ଧାନୁସାରେ କିଛି ମିଠାଦି ଦ୍ରବ୍ୟ ମଧ ଯୋଗାଡ଼ କରିପାରିବେ । ଶ୍ରୀ ବାବା ସାଦା ଦ୍ରବ୍ୟ ହିଁ ଭୋଜନ କରୁଥିଲେ । ତେଣୁ ବାବାଙ୍କୁ ବ୍ରତରେ ମଧ୍ୟାହ୍ନକାଳରେ ରୁଟି, ଭଜା ଓ ଚହ୍ଲା ଅଥବା ସାଦା ଦହି ନୈବେଦ୍ୟ ସ୍ୱରୂପେ ଦେବାକୁ ହୋଇଥାଏ ।

ଏହି ବ୍ରତ କେବଳ ଗୁରୁବାର ଦିନ ସକାଳ ସମୟରେ ହିଁ ଆରମ୍ଭ କରିବେ । ବ୍ରତ ଆରମ୍ଭରୁ ୯ ପାଳି ଗୁରୁବାର ବ୍ରତ କରିବାକୁ ନିୟମ କରିବାକୁ ହେବ । ବ୍ରତ ପାଠ କରିବା ସମୟରେ ଅଧାରୁ ଉଠିବେ ନାହିଁ ।

ଏହି ବ୍ରତ କରୁଥିବା ପ୍ରତ୍ୟେକ ଭକ୍ତ ସକାଳେ ମୁଣ୍ଡ ଧୋଇ ଗାଧୋଇବେ । ଗାଧୋଇ ସାରି ସଫା ଲୁଗା ପଟା ପିନ୍ଧି କେବଳ ନିରାମିଷ ଅରୁଆ ଖାଦ୍ୟ ବ୍ରତ ଦିନ ଗୋଟିଏ ଥର ଭୋଜନ କରିବେ । ଏଥିରେ ଦୁଗ୍ଧ କିମ୍ବା ଯେକୌଣସି ଫଳାହାର ମଧ କରିପାରିବେ ।

ଯେଉଁ ଗୁରୁବାର ଦିନ ବ୍ରତ ଆରମ୍ଭ କରିବେ କେବଳ ସେହି ଗୁରୁବାର ଦିନ ନଅ ପାଳି ପାଇଁ ସଂକଳ୍ପ କରିବେ । ତା'ପରେ ଆଉ ସଂକଳ୍ପ କରିବାର ଆବଶ୍ୟକତା ନାହିଁ ।

ଏହି ଗୁରୁବାର ଦିନ ବ୍ରତ କରୁଥିବା ଭକ୍ତଙ୍କର ଯଦି କୌଣସି ଅସୁବିଧାବଶତଃ ଏହି ବ୍ରତ ଅଧାରୁ ବନ୍ଦ ହୋଇଯାଏ, ତେବେ ପରବର୍ତ୍ତୀ ଗୁରୁବାରଠାରୁ ପୁଣି ଥରେ ମୂଳରୁ ଏହି ବ୍ରତ ଆରମ୍ଭ କରିପାରିବେ । ଏଥିରେ ଭୟ କରିବାର କିଛି ନାହିଁ କାରଣ ଶିରିଡ଼ି ସାଇବାବା ହେଉଛନ୍ତି ଦୟା, କ୍ଷମା ଓ ଶାନ୍ତିର ଅବତାର । ତେଣୁ ସେ ଭକ୍ତଙ୍କର କଦାପି ଅନିଷ୍ଟ କରିବେ ନାହିଁ ।

ଏହି ବ୍ରତ ଦିନ କାହାରି ନିନ୍ଦା କରିବେ ନାହିଁ, ମିଛ କହିବେ ନାହିଁ, କାହା ସହିତ ଶତ୍ରୁତା କରିବେ ନାହିଁ କିମ୍ବା ଜୀବହତ୍ୟା କରିବେ ନାହିଁ, କାହା ପ୍ରତି ହିଂସା କରିବେ ନାହିଁ, ଏବଂ କାହାରି ସହିତ ଝଗଡ଼ା କିମ୍ବା ଯୁକ୍ତି ତର୍କ କରିବେ ନାହିଁ । ଏଭଳି ନିୟମ ପାଳନପୂର୍ବକ ବ୍ରତ କରିବା ଦ୍ୱାରା ସମସ୍ତ ପ୍ରକାର ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇ ନିଜର ମନୋକାମନା ପୂର୍ଣ୍ଣ ହୋଇଥାଏ ।

ବ୍ରତର ବିଧି ବା ପୂଜା କରିବାର ନିୟମ

ଏହି ବ୍ରତ ଆରମ୍ଭ କରିବା ଦିନ ଆପଣଙ୍କ ଠାକୁର ଘରେ କିମ୍ବା ପବିତ୍ର ସ୍ଥାନରେ ଶିରିଡ଼ି ସାଇ ବାବାଙ୍କ ମୂର୍ତ୍ତି କିମ୍ବା ଫଟୋଟିଏ ରଖି ତାଙ୍କ ସମ୍ମୁଖରେ ଦୀପ, ଧୂପ ଲଗାଇ ଦୁଇମୁଠା ଅରୁଆ ଚାଉଳ କିମ୍ବା ଧାନ ତଳେ ଥୋଇ ତା' ଉପରେ ପିତଳ କିମ୍ବା ମାଟିର କଳସଟିରେ ପାଣି ଭର୍ତ୍ତିକରି ସେଥିରେ ଆମ୍ବଡ଼ାଳଟିଏ ବୁଡ଼ାଇ ତା' ଉପରେ ନାସିଲଗା ଥିବା ପଇଡ଼ଟିଏ ରଖି ପଇଡ଼ ଉପରେ ନାଲି ସାଲୁ କନା ଘୋଡ଼ାଇ କନା ଉପରେ ଫୁଲଟିଏ ଥୋଇବେ । କଳସର ପେଟରେ ଏହିଭଳି (卐) ସିନ୍ଦୁରରେ ଆଙ୍କିବେ । ପୂଜା ସ୍ଥାନରେ ଗୋଟିଏ ଗୋଟାପାନ ରଖି ପାନ ଉପରେ ଗୋଟାଏ ପାଚିଲା କଦଳୀ ଓ ଗୋଟାଏ ଗୋଟା ଗୁଆ ରଖିବେ । ନିଜର ଶକ୍ତି ଅନୁଯାୟୀ ନୈବେଦ୍ୟ (ମିଶ୍ରୀଭୋଗ) ଲଗାଇ ବାବାଙ୍କର ପାଦତଳେ ଯେତିକି ପାଳି ପାଇଁ ସଂକଳ୍ପ

କରିଥିବେ ସେତୋଟି ବେଲପତ୍ର ଏବଂ ତୁଳସୀପତ୍ର ସମେତ କିଛି ଝୁରା ଫୁଲ ରଖି ସର୍ବପ୍ରଥମେ ସାଇ ତାରକ ମନ୍ତ୍ର **"ଓଁ ସାଇ ଶ୍ରୀ ସାଇ ଜୟ ଜୟ ସାଇ"** ଉଚ୍ଚାରଣପୂର୍ବକ ମନରେ ଏକାଗ୍ରତା ଆସିବା ପର୍ଯ୍ୟନ୍ତ ଧ୍ୟାନମଗ୍ନ ଅବସ୍ଥାରେ ବସି ରହିବା ଉଚିତ୍ । ପରେ **'ଓଁ ଶ୍ରୀ ଗଣେଶାୟ ନମଃ'** ବ୍ରତପାଠ ଆରମ୍ଭ କରିବେ ।

ବ୍ରତ ସମୟରେ ନିଜର ଶକ୍ତି ଅନୁସାରେ କିଛି ରୁଟି କିମ୍ବା ମିଠା କୁକୁର ଓ ଗାଈକୁ ଖାଇବାକୁ ଦେଇ ସେମାନଙ୍କ ମାଧ୍ୟମରେ ନିଜର ଦୁଷ୍ଟ ଗ୍ରହଗୁଡ଼ିକ ବିଦାୟ କରିଦିଅନ୍ତୁ । ଶ୍ରୀ ସାଇ ବାବା ବ୍ରତ କାଳେ କୌଣସି ନା କୌଣସି ରୂପ ନେଇ ଆସିପାରନ୍ତି । ସେହି କାରଣରୁ ବ୍ରତ ସମୟରେ ଦାନ ଭିକ୍ଷା ଭୋଜନ ଦେବାରେ ପଛଘୁଞ୍ଚା ହେବେ ନାହିଁ । କାରଣ ଏହାଦ୍ୱାରା ବାବା ଖୁବ୍ ଶାନ୍ତି ପାଇଥାନ୍ତି, ତେଣୁ ଯଥାଶକ୍ତି ତାହା ପାଳନ କରିବେ ।

ବ୍ରତ ଦିନ ସର୍ବଦା ମନରେ ଶ୍ରୀ ସାଇବାବାଙ୍କ ତାରକ ମନ୍ତ୍ର ଜପ କରୁଥିବେ । ବ୍ରତ କଥା ପଢ଼ିବା ପୂର୍ବରୁ ବ୍ରତ ପୁସ୍ତକର ପଛପଟେ ଥିବା ଶ୍ରୀ ସାଇବାବାଙ୍କର ସକଳ ମନସ୍କାମନା ସିଦ୍ଧି ଯନ୍ତ୍ରକୁ ଦର୍ଶନ କରି ନିମ୍ନୋକ୍ତ ସ୍ତୁତି ପାଠ କରିବେ । ବ୍ରତ ପାଠ ପରେ **'ଓଁ ଶ୍ରୀ ସାଇନାଥାୟ ନମଃ'** ମନ୍ତ୍ରକୁ ୧୧ ବା ୧୦୮ ଥର ଜପ କରନ୍ତୁ । ଶେଷରେ ଆରତୀ କରି ପ୍ରସାଦ ବାଣ୍ଟି ଦିଅନ୍ତୁ ।

ବ୍ରତ ପାଠ ଶେଷରେ ସାଇବାବାଙ୍କ ଆରତୀ ଗାନ କରି ଆରତୀ ପାତ୍ରରେ ବାବାଙ୍କୁ ଆରତୀ ପ୍ରଦାନ କରି ତାଙ୍କ ନିକଟରେ କ୍ଷମା ଯାଚନା କରିବେ । ତା'ପରେ ଭୋଗ ବାଣ୍ଟିବେ ।

ସଂକଳ୍ପ ବିଧି

ବ୍ରତ ଆରମ୍ଭ କରିବା ପୂର୍ବରୁ ସଂକଳ୍ପ କରିବା ନିହାତି ଆବଶ୍ୟକ ଅଟେ । ଏହାଦ୍ୱାରା ବ୍ରତରେ ଦୃଢ଼ତା ପ୍ରାପ୍ତ ହୁଏ ଏବଂ ମନୋକାମନା ଶୀଘ୍ର ପୂର୍ଣ୍ଣ ହୋଇଥାଏ । ସଂକଳ୍ପ କରିବା ପାଇଁ ଗୋଟିଏ ତାମ୍ର ଚାମଚରେ ଶୁଦ୍ଧ ଜଳ

ନେଇ ଡାହାଣ ହାତରେ ଚାମଚକୁ ଧରି ଶ୍ରଦ୍ଧାପୂର୍ବକ ତଳେ ଲେଖାଯାଇଥିବା ବିଧିରେ ସଂକଳ୍ପ କରନ୍ତୁ –

ହେ ଦୟାଳୁ ଦୟାମୟ ସଦ୍‌ଗୁରୁ ସାଇବାବା ! ମୁଁ....(ଆପଣ ଯେଉଁ ସମସ୍ୟା ପାଇଁ ମାନସିକ କରିଛନ୍ତି ତାହା କହିବେ) ପାଇଁ ଆପଣଙ୍କର ଏହି ବ୍ରତ ୯ ପାଳି ପାଇଁ ଆରମ୍ଭ କରୁଛି । ବ୍ରତ ସମାପ୍ତ ହେଲା ପରେ ମୁଁ ବ୍ରତର ଉଦ୍ୟାପନା ମଧ୍ୟ କରିବି । ମୋର ଏହି ବ୍ରତ ନିର୍ବିଘ୍ନରେ କରାନ୍ତୁ । ହେ ଦୁଃଖହର୍ତ୍ତା ସାଇନାଥ ! ଆପଣ ମୋର ଦୁଃଖ ଦୂର କରି ମୋର ମନୋକାମନା ପୂର୍ଣ୍ଣ କରନ୍ତୁ ।

ଏହି ପ୍ରକାର ସଂକଳ୍ପ କରି ଧରିଥିବା ଚାମଚର ପାଣି ଭୂମିରେ ପକାଇ ଦିଅନ୍ତୁ । ତା'ପରେ **'ଓଁ ଶ୍ରୀ ସାଇନାଥାୟ ନମଃ'** କହି ସାଇବାବାଙ୍କ ବିଭୂତି କପାଳ, ଗଳା ଓ ଆଖି ଉପରେ ଲଗାନ୍ତୁ ।

କ୍ଷମା-ଯାଚନା

ସବୁ ବିଧି ପୂର୍ଣ୍ଣ ହେଲାପରେ ଶ୍ରୀ ସାଇବାବାଙ୍କୁ କ୍ଷମା ମାଗି କହନ୍ତୁ 'ହେ ବାବା ! ଆପଣଙ୍କର ଏହି ବ୍ରତ କରିବାରେ ମୋର ଯଦି କିଛି ଭୁଲ ହୋଇଥାଏ, ତେବେ ଆପଣ ତାକୁ ଉଦାର ଭାବରେ କ୍ଷମା କରିଦିଅନ୍ତୁ ।'

ମଧ୍ୟାହ୍ନରେ ଶ୍ରୀ ସାଇବାବାଙ୍କ ପାଖରେ ରୁଟି, ଭଜା, ଚହ୍ଲା କରି ଭୋଗ କରନ୍ତୁ ।

ବ୍ରତର ଉଦ୍ୟାପନା

ଗୁରୁବାର ବ୍ରତ ପୂର୍ଣ୍ଣ ହୋଇଯିବା ପରେ ବ୍ରତର ଉଦ୍‌ଯାପନ କୌଣସି ପ୍ରକାରେ ବିଳମ୍ବ କରିବେ ନାହିଁ । ଉଦ୍‌ଯାପନ ପରେ କରିଥିବା ସଂକଳ୍ପ ପରିତ୍ୟାଗ କରିବେ ।

ଏହି ସଂକଳ୍ପ କରିଥିବା ପାଳି ବ୍ରତ ଶେଷ ହେବା ପରଦିନ ଅର୍ଥାତ୍ ଶୁକ୍ରବାର ସକାଳେ ଏହି କଳସ, ପଇଡ଼, ନାଲି ସାଲୁକନା, ଗୋଟାପାନ,

କଦଳୀ ଏବଂ ଗୋଟାଗୁଆକୁ ନେଇ ନଦୀ କିମ୍ବା ପୋଖରୀରେ ଭସାଇଦେବେ । ଏହାଦ୍ୱାରା ଆପଣଙ୍କର ସମସ୍ତ ଗ୍ରହ ଶାନ୍ତ ହେବା ସଙ୍ଗେ ସଙ୍ଗେ ଯେତେକ ଅଧା କାର୍ଯ୍ୟ ଅଥବା ଯେତେ ବାଧାବିଘ୍ନ ଥିବ ସବୁ ଦୂର ହୋଇଯିବ । ଯାହା ଫଳରେ ଆପଣଙ୍କର ନୂଆ ଜୀବନ ଅୟମାରମ୍ଭ ଏହି ଦିନଠାରୁ ଆରମ୍ଭ ହେଲା ବୋଲି ଆପଣ ଭାବିନେବେ ।

ବ୍ରତ ଉଦ୍‌ଯାପନ ଦିନ ଶ୍ରୀ ଶିରିଡ଼ି ସାଇବାବା ଗୁରୁବାର ବ୍ରତ ପୁସ୍ତକ ଶକ୍ତି ଅନୁସାରେ ୭, ୯, ୧୧, ୨୧, ୫୧,୧୦୧ ଖଣ୍ଡ ସର୍ବସାଧାରଣରେ ଦାନସ୍ୱରୂପ ପ୍ରଦାନ କରି ସେମାନଙ୍କୁ ଏହି ବ୍ରତ କରିବା ପାଇଁ କହିବେ । ଏହାଦ୍ୱାରା ଶିରିଡ଼ି ସାଇବାବା ଖୁସି ହେବା ସଙ୍ଗେ ସଙ୍ଗେ ଆପଣଙ୍କର ନିଶ୍ଚିତ ଭାବରେ ଯେ ମଙ୍ଗଳ କରିବେ ଏଥିରେ ସନ୍ଦେହ ନାହିଁ ।

ଶ୍ରୀ ସାଇବାବାଙ୍କ ସ୍ତୁତି

।। ଓଁ ଶ୍ରୀ ସାଇନାଥାୟ ନମଃ ।।

ପରଦୁଃଖ ଭଞ୍ଜନ, ପରୋପକାର ଶ୍ରୀ ସମର୍ଥ ବାବା ସାଇ ।
ଐସେ ପରମ ପବିତ୍ର ସନ୍ଥ କି ବୋଲୋ ଜୟ-ଜୟ ଭାଇ ।। ୧ ।।
ଅପାରଶକ୍ତି, ଅଦ୍‌ଭୁତ ଲୀଳା ଦେଖ ସବ୍ ବିସ୍ମିତ ହୋୟ ।
ଚରଣକମଲ ମେ ବନ୍ଦନା ବାବା, ତାକିଂ ମୁକ୍ତି ହୋୟ ।। ୨ ।।
ରଂକ-ରାୟ ସବ ଭକ୍ତଜନୋ କା ସାଇ ଏକ ଆଧାର ।
ଶ୍ରୀ ସଦ୍‌ଗୁରୁ ବାବାଶ୍ରୀ କି ବୋଲୋ ଜୟ-ଜୟକାର ।। ୩ ।।
କୃପା କରେ ତୋ ପଲ ମେଁ ତାରେ, ଲାଗତ ନାହିଁ ବାର ।
ଅନ୍ତରତମ ସେ ସବ କୋଇ ବୋଲୋ ବାବା କି ଜୟ-ଜୟକାର ।। ୪ ।।
କୃପା ଉତରେ ଯୋ ଜନପର, ଓ୍ୱହ ତରେ ସକଳ ସଂସାର ।
ଭାବଭକ୍ତି ସେ ସବକୋଇ ବୋଲୋ, ବାବାକି ଜୟ-ଜୟକାର ।। ୫ ।।
ଅଧମ-ଉଦ୍ଧାରକ ତାରକ ବାବା, ବନ୍ଦନ ବାରମ୍ବାର ।
ହେତ ଧାରିକେଁ ହିୟ ମେ ବୋଲୋ ବାବାକି ଜୟ-ଜୟକାର ।। ୬ ।।

ପଲ-ପଲ ଭକ୍ତୋଁ କି ଚିନ୍ତା ବାବାଶ୍ରୀ ରାଖୀନହାର ।
ହୃଦୟ ନିଚୌର ଭକ୍ତି କିଜିଏ, ବୋଲୋ ଜୟ-ଜୟକାର ॥ ୭ ॥
ଭକ୍ତୋଁ କେ ସଂଗୀ ବାବା, ସଂଶୟ ନହିଁ ଲଗାର ।
ବୋଲୋ ଭକ୍ତିଭାବ ସହିତ ବାବା କି ଜୟ-ଜୟକାର ॥ ୮ ॥
ଜିସକି ଯୈସି ଚାକରୀ, ୱୈସା ଦର୍ଶନ ଦେୟ ଅପାର ।
ବୋଲୋ ସବ ଭକ୍ତଜନ, ବାବା କି ଜୟ-ଜୟକାର ॥ ୯ ॥
ଭକ୍ତି କିଜିଏ ତୋ ଐସି କିଜିଏ, ରଖିଏ ଶ୍ରଦ୍ଧା ଅପାର ।
ଏକବାର ଅନ୍ତରତମ ସେ ବୋଲୋ ବାବା କି ଜୟ-ଜୟକାର ॥ ୧୦ ॥
ଶ୍ରଦ୍ଧା ସହିତ ସବ ବୋଲୋ ଜନ, ଛୋଡ଼ ମନ-ବିକାର ।
ଶ୍ରୀ ସମର୍ଥ ସଦ୍‌ଗୁରୁ ବାବା କି, ବୋଲୋ ଜୟ-ଜୟକାର ॥ ୧୧ ॥

ଶ୍ରୀ ଶିରିଡ଼ି ସାଇବାବାଙ୍କ ବ୍ରତ କଥା

'ଯେତେବେଳେ ଅଧର୍ମାଚରଣ ବା ପାପାଚରଣର ଅଭିବୃଦ୍ଧି ଓ ଧର୍ମାଚରଣର ଅବକ୍ଷୟ ଘଟେ ସେତିକିବେଳେ ହିଁ ମୁଁ ଅବତାର ଗ୍ରହଣ କରେ । ଯୁଗ ଯୁଗ ଧରି ଧାର୍ମିକ-ଲୋକଙ୍କ ସୁରକ୍ଷା ଓ ପାପାତ୍ମାମାନଙ୍କ ବିନାଶ ଘଟାଇବା ପାଇଁ ମୁଁ ଆତ୍ମ ପ୍ରକାଶ କରେ ।' ଏହା ହିଁ ଭଗବାନଙ୍କ ଉଦ୍ଦେଶ୍ୟ । ଏହି ଧରାପୃଷ୍ଠରେ ବହୁ ଋଷି ଓ ସନ୍ଥଗଣ ଯଥାର୍ଥ ସମୟରେ ଅବତୀର୍ଣ୍ଣ ହୋଇ ସେମାନଙ୍କର ନିଜ ନିଜ ଉପାୟରେ, ସେମାନେ ପଥ ପ୍ରଦର୍ଶକ ଆଲୋକ ଭଳି ଆମକୁ ସେମାନଙ୍କର ବାଣୀ ଓ କର୍ମଦ୍ୱାରା ଆମର ଉଦ୍ଦେଶ୍ୟ ସାଧନରେ ସହାୟକ ହୋଇଥାନ୍ତି । ଏହି ମହାନ୍ ଆତ୍ମାଙ୍କ ମଧ୍ୟରୁ ମାନବ ସମାଜକୁ ପ୍ରକୃତପଥ ଦେଖାଇବା ପାଇଁ ଆବିର୍ଭୁତ ହୋଇଛନ୍ତି ଶ୍ରୀ ଶିରିଡ଼ି ସାଇ ବାବା ।

ଗୋଦାବରୀ ନଦୀର ଉପକୂଳବର୍ତ୍ତୀ ଅହମଦ ନଗର ଜିଲ୍ଲାର କୋପର ଗାଓଁ ତାଲୁକ୍‌ରେ ଶିରିଡ଼ି ଗ୍ରାମ ଅବସ୍ଥିତ । ସାଇନାଥଙ୍କ ଯୋଗୁଁ ଶିରିଡ଼ି ପ୍ରାଧାନ୍ୟ ଲାଭ କରିଛି ଓ ଏକ ପବିତ୍ର ତୀର୍ଥ ଭାବରେ ଧନ୍ୟ ହୋଇପାରିଛି । ଭକ୍ତମାନଙ୍କ ସକାଶେ ଷୋହଳ ବର୍ଷର ବାଳକ ରୂପରେ ସେ ପ୍ରଥମେ ଶିରିଡ଼ିର ଏକ ନିମ୍ବ

ବୃକ୍ଷ ତଳେ ଆବିର୍ଭୁତ ହେଲେ । ସେତେବେଳେ ସେ ଜଣେ ବ୍ରହ୍ମଜ୍ଞାନୀ ବୋଲି ଜଣାପଡୁଥିଲେ । ଗୌରବର୍ଣ୍ଣର ସତେଜ ଓ ଅତୀବ କମନୀୟ ଏହି କିଶୋର ବାଳକ ଜଣକ ନିମ୍ବ ବୃକ୍ଷ ମୂଳେ ପଥର ଉପରେ ବସି ଗ୍ରୀଷ୍ମ ବା ଶୀତକୁ ଭ୍ରୁକ୍ଷେପ ନକରି କଠୋର ସାଧନାରତ ଥିବାର ଦେଖି ଗ୍ରାମବାସୀମାନେ ଆଶ୍ଚର୍ଯ୍ୟ ହୋଇଥିଲେ । ଦିନରେ ସେ କାହା ସହିତ ମିଶୁ ନଥିଲେ ଓ ରାତିରେ କାହା ପ୍ରତି ତାଙ୍କର ଭୟ ନଥିଲା । ସେ କାହାଠାରୁ କିଛି ଗ୍ରହଣ କରୁନଥିଲେ । ତାଙ୍କ ମୁଖରୁ ଏକ ଜ୍ୟୋତି ନିର୍ଗତ ହେଉଥିଲା ଓ ତାଙ୍କର କାର୍ଯ୍ୟ କଳାପରୁ ସେ ଏକ ମହାନ୍ ଆତ୍ମା ବୋଲି ଜଣାପଡୁଥିଲେ ।

ଦିନେ ଜଣେ ଭକ୍ତଙ୍କ ଶରୀରରେ ଭଗବାନ ଖଣ୍ଡୋବା ବିଜେ ହୋଇଥିଲେ । ଲୋକମାନେ ତାଙ୍କୁ ଏହି ରହସ୍ୟମୟ ଯୁବକ ବିଷୟରେ ପଚାରିବାରୁ ସେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଖୋଳିବାକୁ ନିର୍ଦ୍ଦେଶ ଦେଲେ । ସେ ସ୍ଥାନ ଖୋଳିବାରୁ ଏକ ମାଟିତଳ ବଖରାଟିଏ ଦେଖାଗଲା । ସେହି ବଖରାରେ ରୁଦ୍ରାକ୍ଷମାଳା, ତପସ୍ୟା ନିମନ୍ତେ କାଷ୍ଠଦଣ୍ଡ, ଆସନ ଓ ଚାରୋଟି ପ୍ରଦୀପ ଜଳୁଥିବାର ଦେଖାଗଲା । ଖଣ୍ଡୋବା କହିଲେ – ଏହି ବାଳକ ଏହିଠାରେ ବାରବର୍ଷ ଧରି ତପସ୍ୟା କରୁଥିଲା । ତା'ପରେ ଲୋକମାନେ ଏ ବିଷୟରେ ବାଳକକୁ ପ୍ରଶ୍ନ କରିବାରୁ ସେ ସବୁ ପ୍ରଶ୍ନ ଏଡ଼ାଇ ଦେଇ କହିଲେ - ଏ ସ୍ଥାନ ତାଙ୍କ ଗୁରୁଙ୍କର । ତେଣୁ ତାଙ୍କ ପାଇଁ ଏହା ପବିତ୍ର ଭୂମି ଓ ଏହାକୁ ଉତ୍ତମରୂପେ ଦେଖାରେଖା କରିବାକୁ ଗ୍ରାମବାସୀଙ୍କୁ ଅନୁରୋଧ କଲେ । ଲୋକମାନେ କକ୍ଷଟିକୁ ପୂର୍ବଭଳି ବନ୍ଦ କରିଦେଲେ । ଅଶ୍ୱତ୍ଥ ଓ ଉଦୁମ୍ବର ବୃକ୍ଷ ଭଳି ବାବା ନିମ୍ବ ବୃକ୍ଷଟିକୁ ପବିତ୍ର ମନେ କରୁଥିଲେ ଏବଂ ଏହି ଗଛଟିକୁ ଖୁବ୍ ଭଲ ପାଉଥିଲେ । କିନ୍ତୁ ଦିନେ ହଠାତ୍ ସେ ଯୁବକ ଜଣକ ସେ ସ୍ଥାନ ଛାଡ଼ି ଚାଲିଗଲେ ।

ଏହି ଯୁବକ ଥିଲେ ଭଗବାନଙ୍କ ଅବତାର । ସେ ଶିରିଡ଼ି ତ୍ୟାଗ କରି ୧୪ ବର୍ଷ ପର୍ଯ୍ୟନ୍ତ ହିମାଳୟରୁ କୁମାରୀକା ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ । ଏହି ସମୟରେ ସେ ନାନା ଆଲୌକିକ ମହିମା ପ୍ରଦର୍ଶନ କରିଥିଲେ । ବିଭିନ୍ନ

ନାମ ଧାରଣ କରି ନିଜର ଅସରନ୍ତି ଜ୍ଞାନର ଭଣ୍ଡାରରୁ ଲୋକଙ୍କୁ ଜ୍ଞାନ ବିତରଣ କରୁଥିଲେ । ସେ ଲୋକମାନଙ୍କର ମନୋବାଞ୍ଛା ପୂରଣ କରୁଥିଲେ । ସେ ସବୁଠାରେ ନିଜର ଆଲୌକିକ କାର୍ଯ୍ୟ ଓ ଆଶ୍ଚର୍ଯ୍ୟଜନକ ଲୀଳା ପ୍ରଦର୍ଶନ କରି ସମସ୍ତଙ୍କର ପ୍ରିୟ ବାବା ବୋଲି ପରିଚିତ ହୋଇଥିଲେ । ଲୋକମାନେ ତାଙ୍କୁ ଅସୀମ ଶ୍ରଦ୍ଧା ଓ ଭକ୍ତି କରୁଥିଲେ । ସେମାନେ ବୁଝିପାରିଥିଲେ ଯେ, ବାବା ହେଉଛନ୍ତି ସମସ୍ତଙ୍କର ଭୂତ, ଭବିଷ୍ୟତ ଜନ୍ମ କର୍ମର ଭଣ୍ଡାର ।

ଥରେ ଗୋଟିଏ ଗଛ ମୂଳେ ବାବା ବିଶ୍ରାମ କରୁଥିଲେ । ସେତେବେଳେ ତାଙ୍କୁ ୩୫ ବର୍ଷ ହୋଇଥିଲା । ଏହି ସମୟରେ ଅଉରଙ୍ଗାବାଦ ଜିଲ୍ଲାର ଧୂପ୍ ନାମକ ଗ୍ରାମର ଚାନ୍ଦି ପାଟିଲ୍ ନାମକ ଜଣେ ମୁସଲ୍‌ମାନ ଭଦ୍ରବ୍ୟକ୍ତି ସେହି ବାଟଦେଇ ଯାଉଥିଲେ । ଦୁଇମାସ ହେଲା ତାଙ୍କର ଘୋଡ଼ୀଟି ହଜିଯାଇଥିଲା । ଏବଂ ବହୁ ଖୋଜାଖୋଜି କରି ପାଇନଥିବାରୁ ସେ ମନଦୁଃଖରେ ଚାଲି ଚାଲି ଫେରୁଥିବା ବେଳେ ଏହି ଫକୀର ଜଣଙ୍କୁ ଦେଖିବାକୁ ପାଇଲେ । ଏହା ଥିଲା ତାଙ୍କର ଦ୍ୱିତୀୟବାର ଆବିର୍ଭାବ । ସେ ଗୋଟିଏ ଲମ୍ବା ପଂଜାବୀ ପିନ୍ଧିଥିଲେ, ମୁଣ୍ଡରେ ଗୋଟିଏ କନା ଟୋପି ଥିଲା, କାଖ ତଳେ ଥିଲା ଖଣ୍ଡେ କାଠରେ ଛୋଟ ବାଡ଼ି ଏବଂ ସେ ଚିଲମ୍ ଟାଣିବା ପାଇଁ ପ୍ରସ୍ତୁତ ହେଉଥିଲେ । ଫକୀର ଜଣକ ଚାନ୍ଦ ପାଟିଲ୍‌ଙ୍କୁ ସେହି ବାଟରେ ଯାଉଥିବାର ଦେଖି ଡ଼ାକି ତାଙ୍କ ମନଦୁଃଖର କାରଣ ପଚାରିଲେ । ଘୋଡ଼ୀ ହଜିଯାଇଥିବା କଥା ଶୁଣି ନିକଟବର୍ତ୍ତୀ ଏକ ନାଳ ପାଖରେ ଘୋଡ଼ୀକୁ ଖୋଜିବାକୁ ଆଦେଶ ଦେଲେ । ଚାନ୍ଦ ପାଟିଲ୍ ତାଙ୍କ କଥା ମାନି ସେହିଠାକୁ ଗଲେ । ଆଶ୍ଚର୍ଯ୍ୟର କଥା ସେହିଠାରେ ହିଁ ତାଙ୍କର ହଜିଲା ଘୋଡ଼ୀଟିକୁ ସେ ପାଇଲେ । ସେ ଅତି ଆନନ୍ଦିତ ହୋଇଗଲେ । ସେ ଫକୀର ଜଣକ କିଛି ସାମାନ୍ୟ ଲୋକ ନୁହନ୍ତି ଓ ଜଣେ ବଡ଼ ଧରଣର ସନ୍ଥ ବୋଲି ମନେ କରି ତାଙ୍କ ଗୋଡ଼ତଳେ ପଡ଼ିଗଲେ । ଫକୀର ଜଣକ ତାଙ୍କର ଚିଲମ୍ ବାହାର କଲେ । ସେ ତାଙ୍କର ଚିମୁଟାକୁ ଜୋର୍‌ରେ ମାଟି ଭିତରକୁ ଭୂଷିଦେଲେ ଏବଂ ଚିମୁଟା ଅଗ୍ରରେ ଲାଗି ଖଣ୍ଡେ ଜଳନ୍ତା କୋଇଲାଖଣ୍ଡ ବାହାରି ଆସିଲା ଓ ଏହି ଜଳନ୍ତା କୋଇଲା ଖଣ୍ଡକୁ ଚିଲମ୍ ଉପରେ ରଖାଗଲା

ତା'ପରେ ଫକୀର ତାଙ୍କ ଲାଠିକୁ ଭୂମିରେ ପିଟିଦେଲେ ଏବଂ ଚାହୁଁ ଚାହୁଁ ସେଠାରେ ଭୂମିରୁ ପାଣି ଝରିଲା । ସେହି ପାଣିରେ କନାଟି ଓଦା କରାଗଲା ଓ ଚିଲମ୍‌ରେ ଗୁଡ଼ାଇ ଦିଆଗଲା । ଏହାପରେ ଫକୀର ଚିଲମ୍ ଟାଣିଲେ ଓ ଚାନ୍ଦ ପାଟିଲଙ୍କ ହାତକୁ ବଢ଼ାଇଦେଲେ । ଏସବୁ ଦେଖି ଚାନ୍ଦପାଟିଲ୍ ବିସ୍ମୟରେ ଅବାକ୍-ହୋଇଗଲେ ଓ ଫକୀର କୌଣସି ସାଧାରଣ ଲୋକ ନୁହନ୍ତି ସେ ଏକ ସିଦ୍ଧ ପୁରୁଷ ଭାବି ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲେ ଏବଂ ତାଙ୍କର ଆତିଥ୍ୟ ଗ୍ରହଣ କରିବାକୁ ଅନୁରୋଧ କଲେ । ଫକୀର ରାଜି ହୋଇ ଚାନ୍ଦ ପାଟିଲ୍‌ଙ୍କ ସହିତ ତାଙ୍କ ଗ୍ରାମକୁ ଗଲେ ।

ସେତେବେଳେ ଚାନ୍ଦଙ୍କ ଶଳାଙ୍କର ପୁଅ ବାହାଘର ଥିଲା । କନ୍ୟାଘର ଶିରିଡ଼ିରେ । ଏହି ବାହାଘରକୁ ଫକୀରଙ୍କୁ ନିମନ୍ତ୍ରଣ କରି ବରଯାତ୍ରୀ ଦଳରେ ସାମିଲ୍ ହେବାକୁ ଅନୁରୋଧ କଲେ । ବରଯାତ୍ରୀ ସହ ଫକୀର ଶିରିଡ଼ିରେ ପହଞ୍ଚିଲେ । ସେଠାରେ ଖଣ୍ଡୋବା ମନ୍ଦିର ନିକଟରେ ସମସ୍ତେ ଶଗଡ଼କୁ ଓହ୍ଲାଇଲେ । ସେହି ଖଣ୍ଡୋବାଙ୍କ ପୂଜକ ଭଗତ ମହଲାସପତି ଏହି ଯୁବକ ଫକୀରଙ୍କୁ ଓହ୍ଲାଉଥିବାର ଦେଖି ଚିହ୍ନିପାରି ''ୟା ସାଇ'' (ସ୍ୱାଗତ ସାଇ) ବୋଲି ସ୍ୱାଗତ କଲେ । ସାଇ ଅର୍ଥ ପରମାତ୍ମା । ସେହିଦିନଠାରୁ ସେ ଫକୀର ସାଇ ରୂପେ ପରିଚିତ ହେଲେ । ତୀର୍ଥ ଯାତ୍ରାବେଳେ ତାଙ୍କର ପୂର୍ବ ପରିଚିତମାନେ ତାଙ୍କୁ ''ବାବା'' ବୋଲି ଡ଼ାକୁଥିଲେ । ଏହିପରି ଭାବରେ ସାଇବାବା ଏକ ପ୍ରସିଦ୍ଧ ନାମ ହେଲା । ବାହାଘର କାର୍ଯ୍ୟ ନିର୍ବିଘ୍ନରେ ସଂପନ୍ନ ହେଲା ଓ ବରଯାତ୍ରୀ ଦଳ ନିଜ ଗ୍ରାମ ଧୂପକୁ ଫେରିଆସିଲେ, ମାତ୍ର କେବଳ ସାଇବାବା ଶିରିଡ଼ିରେ ରହିଗଲେ ତାଙ୍କର ମହାସମାଧି ପର୍ଯ୍ୟନ୍ତ ।

ସାଇବାବା ସେହି ଗ୍ରାମର ଏକ ପରିତ୍ୟକ୍ତ ଭଙ୍ଗାରୁଜା ମସ୍‌ଜିଦ୍‌ରେ ନିଜର ରହିବା ବ୍ୟବସ୍ଥା କଲେ ଏବଂ ସେହି ମସ୍‌ଜିଦ୍‌ର ନାମ 'ଦ୍ୱାରକାମାୟୀ' ରଖିଲେ । ସେଠାରେ ପ୍ରତିଦିନ ଭଜନ-କୀର୍ତ୍ତନ ତଥା ଆରତୀ ହେଉଥିଲା । ବାବାଙ୍କର ଏଭଳି ଚମତ୍କାର ଦେଖି ମୁସଲମାନମାନେ ତାଙ୍କର ବିରୋଧ କଲେ ନାହିଁ, କାରଣ କାହାକୁ ମଧ୍ୟ ଜଣାନଥିଲା ଯେ ସାଇବାବା ହିନ୍ଦୁ କି ମୁସ୍‌ଲିମ୍ । କେତେକଣ ମୁସ୍‌ଲିମ୍ ବିରୋଧ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ବାବାଙ୍କୁ

ଦେଖିବା ମାତ୍ରେ ତାଙ୍କର ବିରୋଧ ଅଦୃଶ୍ୟ ହୋଇଗଲା ଏବଂ ସେମାନେ ବାବାଙ୍କ ଭକ୍ତ ହୋଇଗଲେ । ସେ ମସ୍‌ଜିଦ୍‌ରେ ରହୁଥିଲେ କିନ୍ତୁ ନାଁ ରଖିଥିଲେ 'ଦ୍ୱାରକାମୟୀ' । ଯେତେବେଳେ କୌଣସି ବ୍ୟକ୍ତି ସାଇବାବାଙ୍କୁ ନିଜର ଦୁଃଖ କହୁଥିଲା ସେତେବେଳେ ସେ କହୁଥିଲେ 'ଆଲ୍ଲା ମାଲିକ୍ ହେ' । ସେ ହିନ୍ଦୁ ସନ୍ନ୍ୟାସୀଙ୍କ ପରି ଧୂନୀ ଜଳାଉଥିଲେ । ଭଜନ କୀର୍ତ୍ତନ ହେଉଥିଲା । ଯଦି କୌଣସି ମୁସ୍‌ଲିମ୍ ଆସୁଥିଲେ ତେବେ ବାବା ତାଙ୍କୁ କୋରାନ୍ ପଢ଼ିବାକୁ କହୁଥିଲେ । ଏହି କାରଣରୁ ଲୋକମାନେ ତାଙ୍କର ଜାତି ବିଷୟରେ କିଛି ଜାଣିପାରିଲେ ନାହିଁ । କିନ୍ତୁ ତାଙ୍କୁ କେହି ଯଦି ତାଙ୍କର ଠିକଣା ବିଷୟରେ ପଚାରିଲେ ସେ କହୁଥିଲେ ଯେ ମୁଁ ପାଥେରର ବ୍ରାହ୍ମଣ ଅଟେ, କିନ୍ତୁ ମୋର ଲାଳନ ପାଳନ ଜଣେ ମୁସ୍‌ଲିମ୍ ଫକୀର କରିଥିଲେ ।

ସାଇବାବା ଦ୍ୱାରକାମୟୀରେ ଅଖଣ୍ଡ ଧୂନୀ ଜଳାଇଥିଲେ, ଯାହା ଆଜି ପର୍ଯ୍ୟନ୍ତ ମଧ୍ୟ ସେହିଭଳି ଜଳୁଛି । ସେହି ଧୂନୀର ଭସ୍ମକୁ ଉଦି (ବିଭୂତି) କହନ୍ତି । ସେହି ଉଦିକୁ ବାବା ରୋଗୀମାନଙ୍କୁ ଦେଉଥିଲେ । ଆଜି ପର୍ଯ୍ୟନ୍ତ ମଧ୍ୟ ଯିଏ ଯେତେ ବଡ଼ ବିପଦରେ ପଡ଼ିଥାନ୍ତୁ ନା କାହିଁକି ଏହି ଉଦି ଖାଇବା ଦ୍ୱାରା ସେ ସମସ୍ତ ପ୍ରକାରର କଷ୍ଟରୁ ଉପଶମ ଲାଭ କରିଥାନ୍ତି ।

ବାବାଙ୍କର ଦୁଇଟି ମୂଳମନ୍ତ୍ର ହେଉଛି - ଶ୍ରଦ୍ଧା ଏବଂ ସବୁରୀ (ଧୈର୍ଯ୍ୟ) ଏହାର ଅର୍ଥ ହେଉଛି ସମସ୍ତଙ୍କୁ ଶ୍ରଦ୍ଧା କର ଏବଂ ସବୁ କାର୍ଯ୍ୟରେ ଧୈର୍ଯ୍ୟ ଧର ।

ସାଇବାବା ଭକ୍ତମାନଙ୍କୁ କହୁଥିଲେ, ଯଦି ଜଣେ ମୋର ନାମ ଗଭୀର ପ୍ରେମରେ ଉଚ୍ଚାରଣ କରିବ ମୁଁ ତା'ର ସମସ୍ତ କାମନା ପୂରଣ କରିବି । ଯିଏ ମୋଠାରେ ସଂପୂର୍ଣ୍ଣ ଆତ୍ମ ସମର୍ପଣ କରି ମୋତେ ଏ କନିଷ୍ଠ ଭାବରେ ସ୍ମରଣ କରିବ ମୁଁ ତାକୁ ଅବିଳମ୍ବେ ମୁକ୍ତି ପ୍ରଦାନ କରିବି । ମୋର ଏହି ବ୍ରତକଥା ପଢ଼ିଲେ ଓ ଶ୍ରବଣ କଲେ ସମସ୍ତ ରୋଗ ବ୍ୟାଧିର ନିରାକରଣ ହେବ । ଯଦି ନମ୍ର, ଦୟାଳୁ ଏବଂ ନିରହଂକାର ହୋଇ ମୋତେ ହୃଦୟର ସହ ପୂଜା କରିବ ସେ ଈଶ୍ୱର ସୁଖ ଲାଭ କରିବ । ଯିଏ ମୋ ଆଡ଼େ ମନ ଦେବ ତା'ର କୌଣସି ଅନିଷ୍ଟ ହେବ ନାହିଁ କିନ୍ତୁ ଯିଏ ମୋତେ ଭୁଲିଯିବ ସେ ମାୟା ଦ୍ୱାରା କଷାଘାତ ଖାଇବ ।

ବାବାଙ୍କ କୃପା ଦ୍ୱାରା ରୋଗ ଆରୋଗ୍ୟ

ସାଇବାବା ସିଦ୍ଧଯୋଗୀ ଥିଲେ । ଅଷ୍ଟସିଦ୍ଧି ତଥା ନବ-ନିଧି ତାଙ୍କୁ ସିଦ୍ଧି ହୋଇଥିଲା । ତାଙ୍କ ହୃଦୟରେ ସମସ୍ତଙ୍କ ପାଇଁ ପ୍ରେମ ଓ କରୁଣାର ଭାବ ଥିଲା । ଯେଉଁ ମନୁଷ୍ୟ ନିର୍ମଳ ହୃଦୟରେ ବାବାଙ୍କ ପାଖରେ ଶରଣ ନେଉଥିଲେ ତାଙ୍କ ଦୁଃଖ ସ୍ୱୟଂ ବାବା ନିଜେ ନେଇଯାଉଥିଲେ ଓ ତାଙ୍କୁ ଦୁଃଖ ଓ ରୋଗରୁ ମୁକ୍ତ କରୁଥିଲେ ।

ମାଧବରାଓ ଦେଶପାଣ୍ଡେ ଓରଫ୍ ଶାମାଙ୍କର ଅର୍ଶ ବେମାରୀ ଥିଲା । ବାବା ତାଙ୍କୁ ସୋନାମୁଖୀ ପାଣି ପିଇବାକୁ ଦେବାରୁ ସେ ଭଲ ହୋଇଗଲେ । ଏହାର କିଛି ଦିନ ପରେ କାକା ମହାଜନୀଙ୍କର ବଡ଼ଭାଇ ଗଂଗାଧର ପନ୍ଥଙ୍କର ବହୁଦିନର ପେଟ ବେମାରୀ ଥିଲା । ସେ ଶିରିଡ଼ି ଆସିବାରୁ ବାବା ତାଙ୍କର ପେଟରେ ହାତ ମାରିବା ମାତ୍ରକେ ତାହା ସେହିଦିନଠାରୁ ଭଲ ହୋଇଗଲା । ଥରେ ଶିରିଡ଼ିରେ ମହାମାରୀ ବ୍ୟାପିଥିଲା । ଘରେ ଘରେ ମହାମାରୀ ରୋଗ ହେଲା । ବାବା ସମସ୍ତଙ୍କୁ ଚୁଲା ଜଳାଇ ଏବଂ ସେଥିରେ ଘିଅ ବୋଳି ମହାମାରୀର ଗଣ୍ଠି ଉପରେ ଲେପ ଦେବାକୁ କହିଲେ । ଏହାଦ୍ୱାରା ସମସ୍ତଙ୍କୁ ଆରାମ ମିଳିଲା । କିନ୍ତୁ ବାବାଙ୍କ ଶରୀରର କେତେ ଜାଗାରେ ପ୍ଲେଗ ରୋଗର ଚିହ୍ନ ଦେଖାଗଲା । ବାବା ହସି ହସି ଏହି ଦୁଃଖକୁ ସହିଗଲେ ।

ଏହି ସବୁ ଘଟଣାରୁ ଗୋଟିଏ ଜିନିଷ ଜଣାପଡ଼େ ଯେ ବାବାଙ୍କର ବଚନ ଓ କୃପା ଦ୍ୱାରା ହିଁ ରୋଗଗୁଡ଼ିକ ଭଲ ହେଉଥିଲା ।

ବାବାଙ୍କ ମୃତ୍ୟୁ ରହସ୍ୟ

ତାତ୍ୟା କୋଟେ ବାବାଙ୍କର ଜଣେ ପରମ ଭକ୍ତ ଥିଲେ । ତାଙ୍କ ମାଆ ବାୟଜାବାଈଙ୍କ ବ୍ରତ ଥିଲା ଯେ, ସେ ପ୍ରଥମେ ବାବାଙ୍କୁ ଖାଇବାକୁ ଦେଇ ପରେ ନିଜେ ଖାଉଥିଲେ । ବେଳେବେଳେ ବାୟଜାବାଈଙ୍କୁ ଭୋଜନ ଆଣିବା ଦେଖି ସେ ଆଖପାଖ କ୍ଷେତରେ କିମ୍ବା ଗଛ ପଛରେ ଲୁଚିଯାଉଥିଲେ । କିନ୍ତୁ ସେ

ତାଙ୍କୁ ଖୋଜି କରି ଭୋଜନ କରାଉଥିଲେ ଏବଂ ପରେ ନିଜେ ଖାଉଥିଲେ । ଯେତେବେଳେ ମାଆଙ୍କର ମୃତ୍ୟୁ ହୋଇଗଲା ସେତେବେଳେ ତାତ୍ୟା ନିଜେ ଏହି ବ୍ରତ କରି ବାବାଙ୍କୁ ପ୍ରଥମେ ଖୁଆଇ ପରେ ସେ ଖାଉଥିଲେ ।

୧୯୧୮ ମସିହା ସେପ୍ଟେମ୍ବର ମାସ ୨୮ ତାରିଖ ଶନିବାର ଦିନ ବାବାଙ୍କୁ ଜ୍ୱର ହେଲା । ଏହି ଜ୍ୱର ୨/୩ ଦିନ ରହିଲା । ଏହାପରେ ବାବା ଖାଇବା ପିଇବା ବନ୍ଦ କରିଦେବାରୁ ଦିନକୁ ଦିନ ଦୁର୍ବଳ ହେବାକୁ ଲାଗିଲେ । କିନ୍ତୁ ବାବା ନିଜର ମୃତ୍ୟୁ ସୂଚନା ସମସ୍ତଙ୍କୁ ପୂର୍ବରୁ ଜଣାଇ ଦେଇଥିଲେ । ରାମଚନ୍ଦ୍ର କୋଟେ ପାଟିଲ୍ ନାମକ ଜଣେ ଭକ୍ତ ଭୀଷଣଭାବରେ ପୀଡ଼ିତ ହୋଇପଡ଼ିଲେ । ସେ ବହୁତ କଷ୍ଟ ସହି ଅନେକ ପ୍ରତିକାର ବ୍ୟବସ୍ଥା କରି ମଧ ବେମାର ଭଲ ନ ହେବା ଦେଖି ଜୀବନର ସମସ୍ତ ଆଶା ତ୍ୟାଗ କରି ଶେଷରେ ବାବାଙ୍କୁ ପ୍ରାର୍ଥନା କଲେ ଯେ ତାଙ୍କୁ ଶୀଘ୍ର ମୁକ୍ତି ମିଳିଯାଉ ।

ଦିନେ ମଧରାତ୍ରିରେ ବାବା ହଠାତ୍ ତାଙ୍କ ତକିଆ ପାଖରେ ଆସି ଠିଆ ହେଲେ । ପାଟିଲ୍ ତାଙ୍କ ପାଦ ଦୁଇଟି ଧରି କହିଲେ - ବାବା, ମୁଁ ବଞ୍ଚିବାର ସବୁ ଆଶା ଛାଡ଼ିଦେଇଛି, ମୁଁ କେବେ ମରିବି ତାହା ନିର୍ଦ୍ଦିଷ୍ଟ ଭାବେ କହନ୍ତୁ । କୃପାମୟ ବାବା କହିଲେ - ଅଧୈର୍ଯ୍ୟ ହୁଅନା, ତୁମ ମରଣ ଡ଼ାକରା ପ୍ରତ୍ୟାହାର ହୋଇଛି ଏବଂ ତୁମେ ଶୀଘ୍ର ଭଲ ହୋଇଯିବ । ମାତ୍ର ତାତ୍ୟା ପାଟିଲ୍ ୧୯୧୮ ମସିହା ବିଜୟାଦଶମୀ ଦିନ ଚାଲିଯିବ । ଏ କଥା ତାକୁ କହିବ ନାହିଁ, କାରଣ ସେ ଭୟଭୀତ ହୋଇଯିବ । ପାଟିଲ୍ ଭଲ ହୋଇଗଲେ କିନ୍ତୁ ତାତ୍ୟା ପାଇଁ ସେ ଚିନ୍ତିତ ହୋଇଗଲେ । ଚାହୁଁ ଚାହୁଁ ସମୟ ଅତିବାହିତ ହୋଇଗଲା ଏବଂ ୧୯୧୮ ମସିଆ ଆସି ପହଞ୍ଚିଲା । ଏହି ସମୟରେ ତାତ୍ୟା ଯକ୍ଷ୍ମା ରୋଗରେ ପିଡ଼ୀତ ହୋଇ ଶର୍ଯ୍ୟାଶାୟୀ ହେଲେ । ଏପଟେ ବାବା ମଧ ଜ୍ୱରରେ ପଡ଼ି ରହିଲେ । ତାତ୍ୟାଙ୍କ ରୋଗ ଯେମିତି ଖରାପ ଆଡ଼କୁ ଗତି କରୁଥାଏ ତଦ୍ ସଙ୍ଗେ ବାବାଙ୍କ ଅବସ୍ଥା ମଧ ସେହିଭଳି ଖରାପ ହେବାକୁ ଲାଗିଲା । ବିଜୟାଦଶମୀ ଦିନ ସକାଳୁ ତାତ୍ୟାଙ୍କ ନାଡ଼ି ମନ୍ଥର ହୋଇଗଲା ଓ ସେ ଖୁବ୍ ଶୀଘ୍ର ଚାଲିଯିବେ ବୋଲି ମନେହେଲା । ମାତ୍ର କ୍ଷଣକରେ ସବୁ ଅଦଳବଦଳ ହୋଇଗଲା ।

ବାବା ତାତ୍ୟାଙ୍କ ମା' ବାଇଜାମାର ଋଣ ଶୁଝିବା ନିମନ୍ତେ ତାତ୍ୟାର ଯକ୍ଷ୍ମା ରୋଗକୁ ନିଜ ଦେହକୁ ନେଇଯାଇ ୧୯୧୮ ମସିହା ଅକ୍ଟୋବର ମାସ ୧୫ ତାରିଖ ମଙ୍ଗଳବାର ଦିନ ଘ ୨.୩୦ ମି. ସମୟରେ ବାବା ଇହଲୀଳା ସମ୍ବରଣପୂର୍ବକ ମହାସମାଧିସ୍ଥ ହେଲେ । ସେ ଦିନ ଥିଲା ତିନିଗୋଟି ଧର୍ମର ପ୍ରତୀକ ସ୍ୱରୂପ ପବିତ୍ର ଦଶହରା, ମହରମ୍ ଏବଂ ବୁଦ୍ଧଜୟନ୍ତି । ଏଭଳି ଦିନ ଆଉ ଭବିଷ୍ୟତରେ ହୁଏତ ଏକତ୍ର ପଡ଼ିବା ଆଦୌ ସମ୍ଭବପର ନୁହେଁ ।

ପରମସନ୍ଥ ଶ୍ରୀ ଶିରିଡ଼ି ସାଇବାବା ଆଉ ସଶରୀରରେ ନାହାନ୍ତି ସ... କିନ୍ତୁ ସେ ଏଇଠି, ସେଇଠି ସବୁଠି ଅଛନ୍ତି ତଥା ବର୍ତ୍ତମାନ ମଧ ଜୀବିତାବସ୍ଥା... ଥିଲା ଭଳି ସମସ୍ତ ଭକ୍ତମାନଙ୍କର କଲ୍ୟାଣ ସାଧନ କରୁଛନ୍ତି । ସେ ସାଧାରଣ ମଣିଷ ଭଳି ଜଣାଯାଉଥିଲେ ମଧ, ବାସ୍ତବରେ ସେ ସ୍ୱୟଂ ଭଗବାନ । ଆଜି ମଧ ଯିଏ ନିର୍ମଳ ହୃଦୟରେ ସାଇବାବାଙ୍କୁ ସ୍ମରଣ କରେ ତଥା ନିଜ ଦୁଃଖ ଦୂର କରିବା ପାଇଁ ପ୍ରାର୍ଥନା କରେ ତାର ସବୁ ଦୁଃଖ ଦୂର ହୋଇଯାଏ । ଶିରିଡ଼ିରେ ସେ ଆଜି ମଧ ନିରାକାର ରୂପରେ ବିରାଜମାନ ଅଛନ୍ତି ।

ଯେକୌଣସି ବ୍ୟକ୍ତି ସାଇବାବାଙ୍କର ଏହି ବ୍ରତ କଥାକୁ ଭକ୍ତି ଓ ଶ୍ରଦ୍ଧା ସହକାରେ ପାଠ କରିବେ ଏବଂ ଅନ୍ୟମାନଙ୍କୁ ଶୁଣାଇବେ, ତାଙ୍କର ବ୍ୟବସାୟରେ ଉନ୍ନତି, ଚାକିରିରେ ସୁନାମ ଅର୍ଜନ, ବିଦ୍ୟାଲାଭରେ ସଫଳତା, ଦାରିଦ୍ର୍ୟତା ନାଶ, କଳହ କ୍ଳେଶର ପରିସମାପ୍ତି, ସୁଖ ଶାନ୍ତି ପ୍ରାପ୍ତି, ସନ୍ତାନ ସନ୍ତତି ଲାଭ, ସର୍ବ କାର୍ଯ୍ୟରେ ସିଦ୍ଧି ଲାଭ ସମେତ ସମସ୍ତ ପ୍ରକାରର ମନସ୍କାମନା ଶିରିଡ଼ି ସାଇବାବାଙ୍କ କୃପାରୁ ନିଶ୍ଚିତ ଭାବରେ ପୂରଣ ହୋଇପାରିବ । ଏହି ବ୍ରତ କରି ସହସ୍ରାଧିକ ବ୍ୟକ୍ତି ସର୍ବସୁଖର ଅଧିକାରୀ ହୋଇ ପାରିଛନ୍ତି । ଏଣୁ ଏହି ବ୍ରତକୁ ହେୟ ଜ୍ଞାନ ନକରି ଶ୍ରଦ୍ଧା ଓ ଧୈର୍ଯ୍ୟର ସହ ଯିଏ ଏହି ବ୍ରତ ପାଠ କରି ବ୍ରତ ପୁସ୍ତକ ବାଣ୍ଟିବେ, ସିଏ ଅଜସ୍ର ଶାନ୍ତି ଓ ସୁଖର ଅଧିକାରୀ ହୋଇପାରିବେ । ନିଜ ମନ ମଧରେ ଶିରିଡ଼ି ସାଇବାବାଙ୍କ ରୂପକୁ ଧ୍ୟାନ କଲେ ତାଙ୍କର କୃପା ଦ୍ୱାରା ନିଶ୍ଚିତ ଭାବରେ ସବୁ ଦୁଃଖ ଦୂର ହୋଇ ସବୁ ମନସ୍କାମନା ପୂର୍ଣ୍ଣ ହେବ, ଏଥିରେ ସନ୍ଦେହ ନାହିଁ ।

ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ଶ୍ରୀ ଶିରିଡ଼ି ସାଇବାବା କୀ ଜୟ !

ଶ୍ରୀ ସାଇବାବାଙ୍କର ଚମତ୍କାର

ବାବାଙ୍କ 'ଉଦି'ର କରାମତି

ନାସିକ୍‌ର ନାରାୟଣ ମୋତିରାମ୍ ଜାନୀ ନାମକ ଜଣେ ବ୍ୟକ୍ତି ବାବାଙ୍କର ଭକ୍ତ ଥିଲେ ଓ ବାବାଙ୍କ ଉପରେ ତାଙ୍କର ପ୍ରଗାଢ଼ ବିଶ୍ୱାସ ଥିଲା । ଥରେ ତାଙ୍କର ଜଣେ ବନ୍ଧୁଙ୍କୁ କଙ୍କଡ଼ା ବିଛା ଦଂଶନ କଲା । ସେ ଯନ୍ତ୍ରଣା ଏତେ ତୀବ୍ର ହେଲା ଯେ ତାହା ଅତ୍ୟନ୍ତ ଅସହ୍ୟ ହୋଇ ପଡ଼ିଲା । ଏଭଳି କ୍ଷେତ୍ରରେ 'ଉଦି' କୁ ଯନ୍ତ୍ରଣା ସ୍ଥାନରେ ଲଗାଇଲେ ତାହା ଅବ୍ୟର୍ଥ ଭାବରେ କାମ ଦିଏ । ତେଣୁ ନାରାୟଣ ଉଦି ଖୋଜିବାକୁ ଲାଗିଲେ, ମାତ୍ର କେଉଁଠି ପାଇଲେ ନାହିଁ । ତତ୍‌ପରେ ସେ ବାବାଙ୍କର ଗୋଟିଏ ଛବି ସମ୍ମୁଖରେ ଠିଆହୋଇ ବାବାଙ୍କ ସାହାଯ୍ୟ ଭିକ୍ଷା କଲେ ଓ ବାବାଙ୍କ ନାମ ଜପି ଜପି ଛବି ସାମନାରେ ଜଳିଥିବା ଧୂପକାଠି ପାଉଁଶକୁ ବାବାଙ୍କ ଉଦି ମନେକରି, ସେଥିରୁ କିଛି ଉଠାଇନେଲେ ଓ ଦଂଶନ ସ୍ଥାନ ଓ ଯନ୍ତ୍ରଣା ସ୍ଥାନରେ ଲଗାଇଦେଲେ । ତାଙ୍କର ଯନ୍ତ୍ରଣା ସଙ୍ଗେ ସଙ୍ଗେ ଭଲ ହୋଇଗଲା ଏବଂ ଉଭୟ ଆନନ୍ଦରେ ବିହ୍ୱଳ ହୋଇଗଲେ ।

'ଉଦି' ଦ୍ୱାରା ପ୍ଲେଗ୍ ରୋଗ ଭଲ ହେଲା

ବାନ୍ଦ୍ରାରେ ଥିବା ବାବାଙ୍କର ଜଣେ ଭକ୍ତ ନିଜର ପ୍ଲେଗ ପୀଡ଼ିତ ଝିଅ ନିମନ୍ତେ କିଛି ଉଦି ପଠାଇବାକୁ ନାନାସାହେବ ଚନ୍ଦ୍ରକରଙ୍କ ପାଖକୁ ଖବର ପଠାଇଲେ, ଖବର ପାଇଲାବେଳକୁ ନାନାସାହେବ ନିଜ ସ୍ତ୍ରୀ ସହିତ କଲ୍ୟାଣ ଯାଉଥିଲେ । ତାଙ୍କ ପାଖରେ ଉଦି ନଥିଲା । ତେଣୁ ସେ ରାସ୍ତା ଉପରୁ କିଛି ଧୂଳି ଉଠାଇନେଇ ବାବାଙ୍କୁ ଧ୍ୟାନ କଲେ ଓ ତାଙ୍କର କୃପା ପ୍ରାର୍ଥନା କରି ସେହି ଧୂଳିକୁ ତାଙ୍କ ପତ୍ନୀଙ୍କ ମଥାରେ ଲଗାଇଦେଲେ । ଭକ୍ତ ଜଣକ ଏସବୁ ଦେଖି ଝିଅ ଘରକୁ ଯାଇ ଜାଣିବାକୁ ପାଇଲେ ଯେ ନାନାସାହେବ ରେଳ ଷ୍ଟେସନ୍ ପାଖରେ ବାବାଙ୍କ କୃପା ଭିକ୍ଷା କରିବା ବେଳଠୁ ତାଙ୍କ ଝିଅ ରୋଗମୁକ୍ତ ହୋଇଯାଇଥିଲେ । ବାବା କହନ୍ତି ଯେ - 'ଯଦି ତାଙ୍କର ଭକ୍ତ କୌଣସି ସ୍ଥାନରୁ

ଯେ କୌଣସି ଅବସ୍ଥାରେ ମନପ୍ରାଣ ଦେଇ ଧ୍ୟାନ କରି ମନେପକାନ୍ତି, ତେବେ ସେ ସେମାନଙ୍କର ସମସ୍ତ ଆପଦ ବିପଦ ତତ୍‌କ୍ଷଣାତ୍ ଦୂର କରନ୍ତି । ଆଉ ମଧ୍ୟ କହନ୍ତି ଯେ, ଯେ ଚାହିଁବ ତାଙ୍କ ସାହାଯ୍ୟ ବା ଉପଦେଶ ସଙ୍ଗେ ସଙ୍ଗେ ପାଇପାରିବ ।'

ବାବା ବର୍ଷା ଓ ନିଆଁରୁ ଲୋକଙ୍କୁ ରକ୍ଷା କଲେ

ବାବାଙ୍କର ପଞ୍ଚଭୂତ ଉପରେ ନିୟନ୍ତ୍ରଣ ଥିଲା । ଥରେ ସଂଧ୍ୟାରେ ଶିର୍ଡ଼ିରେ ପ୍ରଚଣ୍ଡ ଝଡ଼ ହେଲା । ଆକାଶ କଳାମେଘ ଦ୍ୱାରା ଢ଼ାଙ୍କି ହୋଇ ପ୍ରବଳ ଜୋର୍‌ରେ ପବନ ବହିବାକୁ ଲାଗିଲା ଏବଂ ମୂଷଳ ଧାରାରେ ବର୍ଷାହେବାକୁ ଲାଗିଲା । ଅଳ୍ପ ସମୟ ଭିତରେ ସେ ଅଞ୍ଚଳଟି ପାଣିରେ ଭରିଗଲା । ପକ୍ଷୀ, ଜନ୍ତୁ ଓ ମଣିଷ ସବୁ ଜୀବ ଭୀଷଣ ଆତଙ୍କିତ ହୋଇପଡ଼ିଲେ ଏବଂ ସମସ୍ତେ ଆଶ୍ରୟ ନିମନ୍ତେ ମସ୍‌ଜିଦ୍‌ରେ ରୁଣ୍ଡ ହେଲେ ଏବଂ ସେମାନଙ୍କୁ ଏ ବିପର୍ଯ୍ୟୟରୁ ରକ୍ଷା କରିବା ପାଇଁ ବାବାଙ୍କୁ ପ୍ରାର୍ଥନା କଲେ । ସେମାନଙ୍କର ଭକ୍ତି ଓ ବିଶ୍ୱାସରେ ବାବାଙ୍କ ହୃଦୟ ଆନ୍ଦୋଳିତ ହେଲା ଓ ସେ ବାହାରକୁ ଚାଲିଆସି ମସ୍‌ଜିଦ୍‌ର ଗୋଟିଏ ଧାରରେ ଠିଆ ହୋଇ ଗୁରୁଗମ୍ଭୀର ସ୍ୱରରେ ଉଚ୍ଚକଣ୍ଠରେ ଝଡ଼କୁ ସମ୍ବୋଧନ କରି କହିଲେ, 'ବନ୍ଦ କର, ବନ୍ଦ କର ତୁମର କ୍ରୋଧ ଏବଂ ଶାନ୍ତ ହୋଇଯାଅ ।'' ଅଳ୍ପ କେତୋଟି ମିନିଟରେ ବର୍ଷା କମିଗଲା ପବନ ବହିଲା ନାହିଁ ଏବଂ ଝଡ଼ ଥମିଗଲା । ଆକାଶରେ ଚନ୍ଦ୍ର ଦେଖାଗଲେ ଏବଂ ଲୋକେ ଆନନ୍ଦ ମନରେ ଯେ ଯାହାର ଘରକୁ ଫେରିଲେ ।

ଆଉ ଥରେ ଦ୍ୱିପ୍ରହର ସମୟରେ ଧୂନିରେ ଜଳୁଥିବା ଅଗ୍ନି ପ୍ରବଳ ଭାବରେ ଜଳିଉଠିଲା ଓ ଶିଖା ଘରର ବରଗା ପର୍ଯ୍ୟନ୍ତ ପହଞ୍ଚୁଥିଲା । ମସ୍‌ଜିଦ୍ ଭିତରେ ଥିବା ଲୋକମାନେ କିଂକର୍ତ୍ତବ୍ୟ ବିମୂଢ଼ ହୋଇଗଲେ । ପାଣି ଢ଼ାଳିବା ପାଇଁ ବାବାଙ୍କୁ କହିବାକୁ ବା ଅନ୍ୟ କୌଣସି ଉପାୟରେ ଅଗ୍ନିଶିଖା ଦବାଇବା ପାଇଁ ସେମାନଙ୍କର ସାହସ ହେଲା ନାହିଁ । କିନ୍ତୁ ଘଟଣା କ'ଣ ବାବା ତାହା ଜାଣି ପାରିଥିଲେ । ସେ ତାଙ୍କର ସଟ୍‌କା (ଛୋଟ ଲାଠି) ଖଣ୍ଡିକ ଉଠାଇ ନେଇ

ସମ୍ମୁଖସ୍ଥ ସ୍ତମ୍ଭରେ ପିଟି ପିଟି କହିଲେ, 'ତଳକୁ ଖସିଆସ, ଶାନ୍ତ ହୋଇଯାଅ' ସଟ୍‌କାର ପ୍ରତିଟି ପ୍ରହାରରେ ଅଗ୍ନିଶିଖା ତଳକୁ ଧୀରେ ଧୀରେ ନଇଁ ଆସିଲା ଏବଂ କିଛି ସମୟ ମଧ୍ୟରେ ଧୂନିସ୍ଥିତ ଅଗ୍ନି ଶାନ୍ତ ଓ ସ୍ୱାଭାବିକଭାବରେ ଜଳିଲା । ଏହିପରି ବାବାଙ୍କର ଯେତେ ଲୀଳା ଶୁଣିଲେ ମଧ୍ୟ ମନତୃପ୍ତ ହୁଏ ନାହିଁ ।

ବାବାଙ୍କ କୃପାରୁ ପରୀକ୍ଷାରେ ଉତ୍ତୀର୍ଣ୍ଣ

ବମ୍ବେ ନିକଟବର୍ତ୍ତୀ ବାନ୍ଦ୍ରାଠାରେ ତେନ୍ଦୁଲକର ପରିବାର ରହୁଥିଲେ । ଏଇ ପରିବାରର ସମସ୍ତେ ବାବାଙ୍କ ଅନୁଗତ ଥିଲେ । ଶ୍ରୀମତୀ ସାବିତ୍ରୀ ତେନ୍ଦୁଲକର ବାବାଙ୍କ ଲୀଳା ବର୍ଣ୍ଣନା କରି ୮୦୦ ଅଭଙ୍ଗ ପଦ ବିଶିଷ୍ଟ 'ଶ୍ରୀ ସାଇନାଥ ଭଜନମାଳା' ମରାଠୀରେ ପ୍ରକାଶ କରିଛନ୍ତି । ଶ୍ରୀଯୁକ୍ତ ତେନ୍ଦୁଲକର୍‌ଙ୍କ ପୁଅ ଡ଼ାକ୍ତରୀ ପରୀକ୍ଷା ପାଇଁ ଦିନରାତି କଠିନ ପରିଶ୍ରମ କରି ପାଠ ପଢୁଥିଲା । କେତେକ ଜ୍ୟୋତିଷ ତାଙ୍କ ଜାତକ ଗଣନା କରି ସେହିବର୍ଷ ଗ୍ରହମାନେ ତାଙ୍କ ପ୍ରତି ଅନୁକୂଳ ନୁହନ୍ତି ତେଣୁ ଆଗାମୀ ବର୍ଷ ପରୀକ୍ଷା ଦେବାପାଇଁ ଭବିଷ୍ୟତ ବାଣୀ କରିଥିଲେ । ଏହା ଶୁଣି ସେ ଦୁଃଖାଭିଭୂତ ହୋଇପଡ଼ିଲେ । ଏହାର କିଛିଦିନ ପରେ ତାଙ୍କ ମାଆ ଶିରିଡ଼ି ଯାଇ ବାବାଙ୍କୁ ଦର୍ଶନ କରି ପୁଅର ମନକଷ୍ଟ ଓ ନୈରାଶ୍ୟ ଭାବ ବିଷୟ କହିଲେ । ଏହା ଶୁଣି ବାବା କହିଲେ, ''ମୋ ଠାରେ ବିଶ୍ୱାସ ରଖି ସ୍ଥିର ଚିତ୍ତରେ ପରୀକ୍ଷା ଦେଉ । ସେ ଏ ବର୍ଷ ନିଶ୍ଚୟ ପାସ୍ କରିବ । କୌଣସି ଗ୍ରହ ତା'ର କିଛି କରିପାରିବ ନାହିଁ ।'' ମାଆ ଘରକୁ ଫେରି ବାବାଙ୍କ ଆଶ୍ୱାସନା ବାଣୀ ପୁଅକୁ ଶୁଣାଇଲେ ଏବଂ ୯ ପାଳି ବ୍ରତ କରିବା ପାଇଁ ସଂକଳ୍ପ କଲେ । ଯଥାବିଧି ୯ ପାଳି ବ୍ରତ ସଂପୂର୍ଣ୍ଣ କରି ବ୍ରତର ଉଦ୍ୟାପନା କଲେ ଏବଂ ବନ୍ଧୁ-ବାନ୍ଧବ ପଡ଼ିଶା ଲୋକମାନଙ୍କୁ ୨୧ ଖଣ୍ଡ ବ୍ରତ ପୁସ୍ତକ ବାଣ୍ଟିଲେ । ତାଙ୍କ ପୁଅ ସାହସ ବାନ୍ଧି ପରୀକ୍ଷା ଦେଲା ଏବଂ ଲିଖିତ ପରୀକ୍ଷାରେ ଭଲ କଲା କିନ୍ତୁ ପୁଣି ମୌଖିକ ପରୀକ୍ଷା ପାଇଁ ତା'ର ସନ୍ଦେହ ହେଲା । ତା'ର ଶିକ୍ଷକମାନେ କହିଲେ ଯେ ଲିଖିତ ପରୀକ୍ଷାରେ ସେ ଉତ୍ତୀର୍ଣ୍ଣ ହୋଇଛନ୍ତି ତେଣୁ ମୌଖିକ ପରୀକ୍ଷା ଦେବା

ଯଥାର୍ଥ ହେବ । ଏଥିରେ ଉତ୍ସାହିତ ହୋଇ ପୁଅ ମୌଖିକ ପରୀକ୍ଷା ଦେଲେ ଏବଂ ଉଭୟ ପରୀକ୍ଷାରେ କୃତକାର୍ଯ୍ୟ ହେଲେ । ତେଣୁ ସଂପୂର୍ଣ୍ଣ ଆସ୍ଥା ରଖି ବାବାଙ୍କୁ ଜାବୁଡ଼ି ଧରି ଆମେ ଉଦ୍ୟମ କରି ଚାଲିଲେ, ସେହି ଉଦ୍ୟମ ଶେଷରେ ନିଶ୍ଚୟ ଫଳବତୀ ହେବ ।

ନିଃସନ୍ତାନର ପୁତ୍ରଲାଭ

ସୋଲାପୁର ବାସନ୍ଦା ଅଉରଙ୍ଗାବାଦ୍‌କର୍‌ଙ୍କ ପତ୍ନୀଙ୍କର ସତେଇଶି ବର୍ଷ ଦୀର୍ଘ ଦାମ୍ପତ୍ୟ ଜୀବନରେ କୌଣସି ସନ୍ତାନ ନଥିଲେ । ନିଃସନ୍ତାନ ହେତୁ ତାଙ୍କ ମନରେ ବଡ଼ ଦୁଃଖ ଜାତ ହେଲା । ବହୁତ ଦେବାଦେବୀଙ୍କ ପାଖରେ କେତେ ମାନସିକ କରିଥିଲେ । କିନ୍ତୁ କିଛି ଫଳ ହେଉ ନଥିଲା । ଶେଷରେ ସଂପୂର୍ଣ୍ଣ ନିରାଶ ହୋଇ ଶିରିଡ଼ି ଆସିଲେ ଓ ବାବାଙ୍କ ସେବାକରି ସେଠାରେ ଦୁଇମାସ ରହିଲେ । ବାବାଙ୍କୁ ସର୍ବଦା ଭକ୍ତ ମାନେ ଘେରିବସିଥାନ୍ତି । ତେଣୁ ସେମାନେ ନିରୋଳାରେ କିଛି କଥାବାର୍ତ୍ତା ହୋଇପାରିଲେ ନାହିଁ । ସେମାନେ ବ୍ୟସ୍ତହୋଇ ବାବାଙ୍କ ସଙ୍ଗରେ ନିରୋଳାରେ ସାକ୍ଷାତ୍ କରାଇଦେବା ପାଇଁ ଶାମାଙ୍କୁ ଅନୁରୋଧ କଲେ । ସେହିଦିନ ଭୋଜନ ସମୟରେ ଶାମା ବାବାଙ୍କ ଦେଖାଶୁଣା କରୁଥିଲେ । ଭୋଜନ ପରେ ଶାମା ତଉଲିଆରେ ବାବାଙ୍କ ହାତ ପୋଛିଦେଲେ । ବାବା ତାଙ୍କ ଆସନରେ ବସିଥାନ୍ତି । ଏତିକିବେଳେ ଶାମା ଅଉରଙ୍ଗାବାଦ୍ ଦମ୍ପତ୍ତିଙ୍କୁ ହାତ ଠାରିଦେଲେ ଏବଂ ତାଙ୍କର ସନ୍ତାନଟିଏ ହେବା ପାଇଁ ବାବାଙ୍କୁ ପ୍ରାର୍ଥନା କଲେ । ଭକ୍ତିର ନିଦର୍ଶନ ସ୍ୱରୂପ ତାଙ୍କ ସ୍ତ୍ରୀ ପୂଜା ସରଞ୍ଜାମ ସହିତ ଏକ ନଡ଼ିଆ ଦେଲେ । ବାବା ତାକୁ ହଲାଇ ଦେଖିଲେ ଯେ ନଡ଼ିଆର ଶଶ ବୁଲୁଛି । ତା' ପରେ କହିଲେ, ''ତୁମର ବାରମାସ ମଧ୍ୟରେ ସନ୍ତାନ ହେବ'' । ଏହାପରେ ନଡ଼ିଆଟି ଭଙ୍ଗାଗଲା । ଗୋଟିଏ ଫାଳ ବାବା ଓ ଶାମା ଖାଇଲେ ଏବଂ ଅନ୍ୟ ଫାଳଟି ମହିଳାଙ୍କୁ ଦିଆଗଲା । ବାବାଙ୍କ ଆଶୀର୍ବାଦ ଓ ପ୍ରସାଦ ଧରି ସେମାନେ ଘରକୁ ଫେରିଲେ । ଘରକୁ ଫେରି ୯ ପାଳି ବ୍ରତ କରିବା ପାଇଁ ସଂକଳ୍ପ କଲେ ଏବଂ ସଂପୂର୍ଣ୍ଣ ପାଳି ଶେଷରେ ବ୍ରତର ଉଦ୍ୟାପନା

କରି ୫୧ ଖଣ୍ଡ ବ୍ରତ ପୁସ୍ତକ ବାଣ୍ଟିଲେ । ବର୍ଷକ ମଧ୍ୟରେ ସେ ଏକ ପୁତ୍ର ଲାଭ କଲେ । ପଞ୍ଚମ ମାସରେ ପିଲାଟିକୁ ବାବାଙ୍କ ନିକଟକୁ ଆଣିଲେ ଓ ବାବାଙ୍କ ଆଗରେ ସାଷ୍ଟାଙ୍ଗ ହୋଇ ପଡ଼ିଲେ । ସେମାନେ କୃତଜ୍ଞତା ସ୍ୱରୂପ ୫୦୦ ଟଙ୍କା ଦେଲେ ଓ ଏହି ଅର୍ଥରେ ବାବାଙ୍କ ଘୋଡ଼ା ଶ୍ୟାମକର୍ଣ୍ଣ ପାଇଁ ଗୋଟିଏ ଘୋଡ଼ାଶାଳ ନିର୍ମାଣ କରାଗଲା । ବାବାଙ୍କର ବାକ୍ୟ ଓ ଆଶୀର୍ବାଦ ସମସ୍ତଙ୍କ ପାଇଁ ଅବ୍ୟର୍ଥ ଔଷଧ ଥିଲା ।

ଶ୍ରୀ ସାଇ ଚାଳିସା

ପହଲେ ସାଇକେ ଚରଣୋ ମେଁ, ଅପନା ଶିଶ୍ ନବାଉଁ ମେ ।
କୈସେ ଶିରିଡ଼ି ସାଇ ଆଏ, ସାରା ହାଲ ସୁନାଉଁ ମେ ॥୧॥
କୌନ ହେ ମାତା, ପିତା କୌନ ହେ, ଯହ ନ କିସିନେ ଭି ଜାନା ।
କାହାଁ ଜନମ ସାଇ ନେ ଧାରା, ପ୍ରଶ୍ନ ପହେଲୀ ରହା ବନା ॥୨॥
କୋଇ କହେ ଅଯୋଧ୍ୟା କେ ଯେ ରାମଚନ୍ଦ୍ର ଭଗବାନ ହେଁ ।
କୋଇ କହତା ସାଇବାବା ପବନ-ପୁତ୍ର ହନୁମାନ ହେଁ ॥୩॥
କୋଇ କହତା ମଙ୍ଗଳମୂର୍ତ୍ତି ଶ୍ରୀ ଗଜାନନ ହେଁ ସାଇ ।
କୋଇ କହତା ଗୋକୁଳ-ମୋହନ ଦେବକୀନନ୍ଦନ ହେଁ ସାଇ ॥୪॥
ଶଙ୍କର ସମଝ ଭକ୍ତ କଇ ତୋ, ବାବା କୋ ଭଜତେ ରହତେ ।
କୋଇ କହେ ଅବତାର ଦତ୍ତ କା, ପୂଜା ସାଇ କି କରତେ ॥୫॥
କୁଛ ଭି ମାନୋ ଉନକୋ ତୁମ, ପର ସାଇ ହେଁ ସଚ୍ଚେ ଭଗବାନ ।
ବଡ଼େ ଦୟାଲୁ, ଦୀନବନ୍ଧୁ, କିତନୋ କୋ ଦିୟା ଜୀବନଦାନ ॥୬॥
କଇ ବରଷ ପହଲେ କି ଘଟନା, ତୁମ୍ହେ ସୁନାଉଁଗା ମେ ବାତ୍ ।
ଚାନ୍ଦ ପାଟିଲ୍ କେ ବେଟେ କି, ଶିରିଡ଼ି ମେ ଆୟି ଥି ବାରାତ୍ ॥୭॥
ଆୟା ସାଥ ଉସିକେ ଥା ଫକୀର ଏକ ବହୁତ ସୁନ୍ଦର ।
ଆୟା, ଆକର ୱହିଁ ବସ ଗୟା, ପାବନ ଶିରିଡ଼ି କିୟା ନଗର ॥୮॥
ଟୁଟୀ ମସ୍ଜିଦ୍ ମେ ଡ଼େରା ଡ଼ାଲା, ଉସେ ଦ୍ୱାରକାମୟୀ ପୁକାରା ।
ଔର ଦିଖାଇ ଐସି ଲୀଲା, ଜଗ ମେ ଜୋ ହୋ ଗୟି ଅମର ॥୯॥

ଯୈସେ ଯୈସେ ଉମର ବଢ଼ି, ବଢ଼ତି ହି ଐସେ ଗୟି ଶାନ ।
ଘର-ଘର ହୋନେ ଲଗା ନଗର ମେଁ, ସାଇବାବା କି ଗୁଣ ଗାନ ॥୧୦॥
ଦିଗ୍ - ଦିଗନ୍ତ ମେ ଲଗା ଗୁଁଜନେ, ଫିର୍ ତୋ ସାଇଜୀକା ନାମ ।
ଦୀନ-ଦୁଃଖୀ କି ରକ୍ଷା କରନା, ଯହି ରହା ବାବା କା କାମ ॥୧୧॥
ବାବା କେ ଚରଣୋ ମେଁ ଯାକର୍, ଜୋ କହତା 'ମେ ହୁଁ ନିର୍ଦ୍ଧନ' ।
ଦୟା ଉସି ପର ହୋତି ଉନକି, ଖୁଲ ଜାତେ ଦୁଃଖ କେ ବନ୍ଧନ ॥୧୨॥
କଭି କିସିନେ ମାଁଗି ଭିକ୍ଷା, ''ଦୋ ବାବା ମୁଝକୋ ସନ୍ତାନ'' ।
'ଏବଂ ଅସ୍ତୁ' ତବ କହକର ସାଇ, ଦେତେ ଥେ ଉସକୋ ବରଦାନ ॥୧୩॥
ସ୍ୱୟଂ ଦୁଃଖୀ ବାବା ହୋ ଜାତେ, ଦୀନ-ଦୁଃଖୀଜନ କା ରଖ ହାଲ ।
ଅନ୍ତଃକରଣ ଶ୍ରୀ ସାଇ କା, ସାଗର ଯୈସା ରହା ବିଶାଲ ॥୧୪॥
ଭକ୍ତ ଏକ ମଦ୍ରାସୀ ଆୟା, ଘର କା ବହୁତ ବଡ଼ା ଧନବାନ ।
ମାଲ ଖଜାନା ବେହଦ ଉସକା, କେବଳ ନହିଁ ରହି ସନ୍ତାନ ॥୧୫॥
ଲଗା ମନାନେ ସାଇନାଥ କୋ, ବାବା ମୁଝପର ଦୟା କରୋ ।
ଝଂଝା ସେ ଝଂକୃତ ନୈୟା କୋ, ତୁମ୍ ହୀ ମେରୀ ପାର କରୋ ॥୧୬॥
କୁଳଦୀପକ କେ ବିନା ଅନ୍ଧେରା, ଛାୟା ହୁଆ ହେ ଘର ମେ ମେରେ ।
ଇସିଲିଏ ଆୟା ହୁଁ ବାବା, ହୋକର ଶରଣାଗତ ତେରେ ॥୧୭॥
କୁଳଦୀପକ କେ ଇସ ଅଭାବ ମେ, ବ୍ୟର୍ଥ ହେ ଦୌଲତ କି ମାୟା ।
ଆଜ ଭିଖାରୀ ବନକର ବାବା, ଶରଣ ତୁହ୍ମାରୀ ମେ ଆୟା ॥୧୮॥
ଦେ ଦୋ ମୁଝକୋ ପୁତ୍ର-ଦାନ, ମେ ଋଣୀ ରହୁଗାଁ ଜୀବନ ଭର୍ ।
ଔର୍ କୋଇ ଆଶ୍ ନ ମୁଝକୋ, ସିର୍ଫ ଭରୋସା ହେ ତୁମ ପର୍ ॥୧୯॥
ଅନୁନୟ ବିନୟ ବହୁତ କି ଉସନେ, ଚରଣୋ ମେ ଧର କରକେ ଶୀଶ ।
ତବ ପ୍ରସନ୍ନ ହୋ କର ବାବା ନେ, ଦିୟା ଭକ୍ତ କୋ ଯହ ଆଶିଷ ॥୨୦॥
ଆଲ୍ଲା ଭଲା କରେଗା ତେରା, ପୁତ୍ର ଜନ୍ମ ହୋ ତେରେ ଘର ।
କୃପା ରହେଗି ତୁମପର ଉସକି, ଔର୍ ତେରେ ଉସ ବାଲକ ପର୍ ॥୨୧॥
ଅବ ତକ ନହିଁ କିସିନେ ପାୟା, ସାଇ କି କୃପା କା ପାର ।
ପୁତ୍ର-ରତ୍ନ ଦେ ମଦ୍ରାସୀ କୋ, ଧନ୍ୟ କିୟା ଉସକା ସଂସାର ॥୨୨॥

ତନ-ମନ ସେ ଜୋ ଭଜେ ଉସିକା ଜଗମେ ହୋତା ହେ ଉଦ୍ଧାର ।
ସାଞ୍ଚକୋ ଆଁଚ ନହିଁ ହେ କୋଇ, ସଦା ଝୁଠ କି ହୋତି ହାର ।।୨୩।।
ମ ହୁଁ ସଦା ସହାରା ଉସକା, ସଦା ରହୁଁଗା ଉସକା ଦାସ ।
ାଇ ଯୈସା ପ୍ରଭୁ ମିଲା ହେ, ଇତନି ହି କମ ହେ କ୍ୟା ଆସ ? ।।୨୪।।
ମତା ଭି ଦିନ ଥା ଏକ ଐସା, ମିଲତି ନହିଁ ଥି ମୁଝେ ଭି ରୋଟି
ନପର କପଡ଼ା ଦୂର ରହା ଥା, ଶେଷ ରହି ନହିଁସି ଲଂଗୋଟି ।।୨୫।।
ରିତା ସମ୍ମୁଖ ହୋନେ ପର ଭି, ମେ ପ୍ୟାସା କା ପ୍ୟାସା ଥା ।
ର୍ଦ୍ଦିନ ମେରା ମେରେ ଉପର, ଦାବାଗ୍ନି ବରସାତା ଥା ।।୨୬।।
ଧରତୀ କେ ଅତିରିକ୍ତ ଜଗତ ମେ, ମେରା କୋଇ ଅବଲମ୍ବନ ନ ଥା ।
ବନା ଭିଖାରୀ ମେ ଦୁନିଆ ମେଁ, ଦରଦର ଠୋକର ଖାତା ଥା ।୨୭।।
ଐସେ ମେଁ ଏକ ମିତ୍ର ମିଲା ଯୋ, ପରମ ଭକ୍ତ ସାଇ କା ଥା ।
ଜଞ୍ଜାଲୋଁ ସେ ମୁକ୍ତ, ମଗର ଇସ ଜଗତି ମେ ୱହ ଭି ମୁଝ-ସା ଥା ।।୨୮।।
ବାବା କେ ଦର୍ଶନ କେ ଖାତିର, ମିଲ ଦୋନୋ ନେ କିୟା ବିଚାର ।
ସାଇ ଯୈସେ ଦୟାମୂର୍ତ୍ତି କେ, ଦର୍ଶନ କୋ ହୋ ଗୟେ ତୟାର୍ ।।୨୯।।
ପାବନ ଶିରିଡ଼ି ନଗରୀ ମେ ଯାକର, ଦେଖି ମତୱାଲୀ ମୂରତି ।
ଧନ୍ୟ ଜନମ ହେ ଗୟା କି ହମ୍‌ନେ, ଜବ ଦେଖି ସାଇ କି ସୁରତି ।।୩୦।।
ଜବସେ କିଏ ହେଁ ଦର୍ଶନ ହମ୍‌ନେ, ଦୁଃଖ ସାରା ଦୂର ହୋ ଗୟା ।
ସଂକଟ ସାରେ ମିଟେ ଔର୍, ବିପଦାଓଁ କା ଅନ୍ତ ହୋ ଗୟା ।।୩୧।।
ମାନ୍ ଔର୍ ସମ୍ମାନ ମିଲା, ଭିକ୍ଷା ମେଁ ହମ୍‌କୋ ବାବା ସେ ।
ପ୍ରତିବିମ୍ବିତ ହୋ ଉଠେ ଜଗତ ମେ, ହମ ସାଇ କି ଆଭା ସେ ।।୩୨।।
ବାବା ନେ ସମ୍ମାନ ଦିଆହେ ମାନ ଦିୟା ଇସ ଜୀବନ ମେ ।
ଇସକା ହି ସମ୍ବଲ ଲେ ମେ ହଁସତା ଜାଉଁଗା ଜୀବନ ମେ ।।୩୩।।
ସାଇ କି ଲୀଲା କା ମେରେ ମନ ପର୍ ଐସା ଅସର ହୁଆ ।
ଲଗତା ଜଗତି କେ କଣ-କଣ ମେଁ, ଜୈସେ ହୋ ୱହ ଭରା ହୁଆ ।।୩୪।।
'କାଶୀରାମ୍' ବାବା କା ଭକ୍ତ, ଇସ ଶିରିଡ଼ି ମେ ରହତା ଥା ।
'ମେ ସାଇ କା, ସାଇ ମେରା', ୱହ ଦୁନିଆଁ ସେ କହତା ଥା ।।୩୫।।

ଧାକର ସ୍ୱୟଂ ବସ୍ତ୍ର ବେଚତା, ଗ୍ରାମ, ନଗର, ବାଜାରୋଁ ମେ ।
ଝଂକୃତ ଉସକି ହୃଦୟତନ୍ତ୍ରୀ ଥି, ସାଇ କି ଝନ୍‌କାରୋ ସେ ।।୩୬।।
ସ୍ତବ୍ଧ ନିଶା ଥି, ଥେ ସୋୟେ, ରଜନୀ ଆଁଚଲ ମେ ଚାନ୍ଦ ସିତାରେ ।
ନହିଁ ସୁଝତା ରହା ହାଥ କା ହାଥ ଅଁଧେରେ କେ ମାରେ ।।୩୭।।
ବସ୍ତ୍ର ବେଚକର ଲୌଟ ରହା ଥା, ହାୟ! ହାଟ ସେ 'କାଶୀ' ।
ବିଚିତ୍ର ବଡ଼ା ସଂଯୋଗ କି ଉସଦିନ, ଆତା ଥା ୱହ ଏକାକୀ ।।୩୮।।
ଘେର ରାହ ମେ ଖଡ଼େ ହୋ ଗୟେ, ଉସେ କୁଟିଲ୍, ଅନ୍ୟାୟୀ ।
ମାରୋ, କାଟୋ, ଲୁଟୋ ଇସକୀ, ହିଁ ଧ୍ୱନି ପଡ଼ି ସୁନାଇ ।।୩୯।।
ଲୁଟ-ପିଟ କର ଉସେ ୱାହାଁ ସେ, କୁଟିଲ ଗୟେ ଚମ୍ପତ ହୋ ।
ଆଘାତୋଁ ସେ ମର୍ମାହତ ହୋ, ଉସନେ ଦି ଥି ସଂଜ୍ଞା ଖୋ ।।୪୦।।
ବହୁତ ଦେର ତକ ପଡ଼ା ରହା ୱହ, ୱହାଁ ଉସି ହାଲତ ମେ ।
ଜାନେ କବ କୁଛ ହୋଶ ହୋ ଉଠା, ଉସକୋ କିସି ପଲକ ମେ ।।୪୧।।
ଅନଜାନେ ହି ଉସକେ ମୁହଁସେ, ନିକଲ ପଡ଼ା ଥା ସାଇ ।
ଜିସକି ପ୍ରତିଧ୍ୱନି ଶିରିଡ଼ି ମେ, ବାବା କୋ ପଡ଼ି ସୁନାଇ । ।।୪୨।।
କ୍ଷୁବ୍ଧ ଉଠା ହୋ ମାନସ ଉସକା, ବାବା ଗୟେ ବିକଲ ହୋ ।
ଲଗତା ଯୈସେ ଘଟନା ସାରୀ, ଘଟି ଉହ୍ନୀ କେ ସମ୍ମୁଖ ହୋ ।।୪୩।।
ଉନ୍ମାଦି ସେ ଇଧର ଉଧର୍ ତବ, ବାବା ଲଗେ ଭଟକନେ ।
ସମ୍ମୁଖ ଟିକେଁ ଯୋ ଭି ଆୟି, ଉନକୋ ଲଗେ ପଟକନେ ।।୪୪।।
ଔର୍ ଧଧକତେ ଅଙ୍ଗାରୋଁ ମେ, ବାବା ନେ କର ଡ଼ାଲା ।
ହୁଏ ସଶଂକିତ ତଭି ୱହାଂ, ଦେଖ ତାଣ୍ଡବନୃତ୍ୟ ନିରାଲା ।୪୫।।
ସମଝ ଗଏ ସବ ଲୋକ କି କୋଇ, ଭକ୍ତ ପଡ଼ା ସଂକଟ ମେ ।
କ୍ଷୁଭିତ ଖଡ଼େ ଥେ ସଭି ୱହାଂ ପର, ପଡ଼େ ହୁଏ ବିସ୍ମୟ ମେ ।।୪୬।।
ଉସେ ବଚାନେ କେ ହି ଖାତିର, ବାବା ଆଜ ବିକଲ ହେ ।
ଉସକି ହି ପୀଡ଼ା ସେ ପୀଡ଼ିତ, ଉନକା ଅନ୍ତସ୍ଥଲ ହେ ।।୪୭।।
ଇତନେ ମେ ହି ବିଧି ନେ ଅପନି, ବିଚିତ୍ରତା ଦିଖଲାଇ ।
ଦେଖାକର୍ ଜିସକୋ ଜନତା କି, ଶ୍ରଦ୍ଧା-ସରିତା ଲହରାଇ ।।୪୮।।

ଲେକର ସଜ୍ଞାହୀନ, ଭକ୍ତ କୋ, ଗାଡ଼ି ଏକ ୱହାଁ ଆଇ ।
ସମ୍ମୁଖ ଅପନେ ଦେଖ ଭକ୍ତକୋ, ସାଇ କି ଆଁଖେ ଭର ଆଇ ॥୪୯॥
ଶାନ୍ତ ଧୀର, ଗମ୍ଭୀର ସିନ୍ଧୁ ସା, ବାବା କା ଅନ୍ତସ୍ଥଲ ।
ଆଜ ନଜାନେ କ୍ୟୁଁ ରହ-ରହକର୍, ହୋ ଜାତା ଥା ଚଞ୍ଚଲ ॥୫୦॥
ଆଜ ଦୟା କି ମୂର୍ତ୍ତି ସ୍ୱୟଂ ଥା, ବନା ହୁଆ ଉପଚାରୀ ।
ଔର୍ ଭକ୍ତୋଁକେ ଲିଏ ଆଜ ଥା, ଦେବ ବନା ପ୍ରତିହାରୀ ॥୫୧॥
ଆଜ ଭକ୍ତି କି ବିଷମ ପରୀକ୍ଷା ମେଁ, ସଫଲ୍ ହୁଆ ଥା କାଶୀ ।
ଉସକେ ହି ଦର୍ଶନ କେ ଖାତିର୍, ଥେ ଉମଡ଼େ ନଗର-ନିବାସୀ ॥୫୨॥
ଜବଭି ଔର୍ ଜହାଁଭି କୋଇ, ଭକ୍ତ ପଡ଼ା ସଂକଟ ମେ ।
ଉସକି ରକ୍ଷା କରନେ ବାବା, ଜାତେ ହେଁ ପଲଭର୍ ମେ ॥୫୩॥
ଯୁଗ-ଯୁଗ କା ହେ ସତ୍ୟ ୟହି, ନହିଁ କୋଇ ନୟି କହାନୀ ।
ଆପତଗ୍ରସ୍ତ ଭକ୍ତ ଯବ ହୋତା, ଯାତେ ଖୁଦ୍ ଅନ୍ତର୍ଯ୍ୟାମୀ । ॥୫୪॥
ଭେଦ-ଭାବ ସେ ପରେ, ପୁଜାରୀ ମାନବତା କେ ଥେ ସାଇ ।
ଜିତନେ ପ୍ୟାରେ ହିନ୍ଦୁ-ମୁସଲିମ୍, ଉତନେ ହି ଥେ ଶିଖ-ଇସାଇ ॥୫୫॥
ଭେଦ-ଭାବ-ମନ୍ଦିର-ମସଜିଦ୍ କା ତୋଡ଼-ଫୋଡ଼ ବାବା ନେ ଡ଼ାଲା ।
ରାମ-ରହିମ ସଭି ଉନକେ ଥେ, କୃଷ୍ଣ-କରିମ ଆଲ୍ଲାତାଲା ।୫୬॥
ଘଣ୍ଟି କି ପ୍ରତିଧ୍ୱନି ସେ ଗୁଁଜା, ମସ୍‌ଜିଦ୍ କା କୋନା କୋନା ।
ମିଲେ ପରସ୍ପରହିନ୍ଦୁ-ମୁସଲିମ୍, ପ୍ୟାର୍ ବଢ଼ା ଦିନ-ଦିନ ଦୁନା ॥୫୭॥
ଚମତ୍କାର ଥା କିତନା ସୁନ୍ଦର, ପରିଚୟ ଇସ କାୟା ନେ ଦି ।
ଔର୍ ନାମ କି କଡ଼ବାହଟ ମେଭି, ମିଠାସ ବାବା ନେ ଭର ଦି ॥୫୮॥
ସବକୋ ସ୍ନେହ ଦିୟା ସାଇନେ, ସବକୋ ସତୁଲ ପ୍ୟାର୍ କିୟା ।
ଯୋ କୁଛ ଯିସନେ ଭି ଚାହା, ବାବା ନେ ଉସକୋ ୱହୀ ଦିୟା ॥୫୯॥
ଐସେ ସ୍ନେହଶୀଲ ଭାଜନ କା, ନାମ ସଦା ଯୋ ଜପା କରେ ।
ପର୍ବତ ଯୈସା ଦୁଃଖ ନ କ୍ୟୋଁ ହୋ, ପଲଭର୍ ମେ ୱହ ଦୂର କରେ ॥୬୦॥
ସାଇ ଯୈସା ଦାତା ହମନେ, ଅରେ ନେହିଁ ଦେଖା କୋଇ ।
ଯିସ୍‌କେ କେବଲ ଦର୍ଶନ ସେ ହି, ସାରି ବିପଦା ଦୂର ଗଇ ॥୬୧॥

ତନ ମେ ସାଇ, ମନ ମେ ସାଇ, ସାଇ-ସାଇ ଭଜା କରୋ ।
ଅପନେ ତନ କି ସୁଧ୍ ଖୋକର, ସୁଧ୍ ଉସକି କିୟା କରୋ ॥୬୨॥
ଯବ ତୁ ଅପନି ସୁଧିଆଁ ତଜକର, ବାବା କି ସୁଧ୍ କିୟା କରେଗା ।
ଔର୍ ରାତ ଦିନ 'ବାବା, ବାବା, ବାବା' ହି ତୁ ରଟା କରେଗା ॥୬୩॥
ତୋ ବାବା କୋ ଅରେ ! ବିବଶ ହୋ, ସୁଧ୍ ତେରି ଲେନି ହି ହୋଗୀ ।
ତେରୀ ହର ଇଚ୍ଛା ବାବା କୋ, ପୁରୀ ହି କରନି ହୋଗୀ ॥୬୪॥
ଜଙ୍ଗଲ-ଜଙ୍ଗଲ ଭଟକ ନା ପାଗଲ, ଔର୍ ଢୁଣ୍ଡନେ ବାବା କୋ ।
ଏକ ଜଗହ କେବଲ ଶିରିଡ଼ି ମେ, ତୁ ପାୟେଗା ବାବାକୋ ॥୬୫॥
ଧନ୍ୟ ଜଗତ ମେ ପ୍ରାଣୀ ହେ ୱହ ଯିସନେ ବାବା କୋ ପାୟା ।
ଦୁଃଖ ମେ ସୁଖ ମେ ପ୍ରହର ଆଠ ହୋ, ସାଇ କା ହି ଗୁଣଗାୟା ॥୬୬॥
ଗିରେ ସଂକଟୋଁ କେ ପର୍ବତ, ଚାହେ ବିଜଲୀ ହି ଟୁଟ ପଡ଼େ ।
ସାଇ କା ଲେ ନାମ ସଦା ତୁମ, ସମ୍ମୁଖ ସବା କୋ ରହୋ ଅଡ଼େ ।୬୭।
ଇସ ବୁଢ଼େ କି ସୁନ କରାମତ, ତୁମ ହୋ ଜାଓଗେ ହୈରାନ ।
ଦଂଗ ରହଗଏ ସୁନକର ଯିସକୋ, ଜାନେ, କିତନେ ଚତୁର ସୁଜାନ ॥୬୮॥
ଏକ ବାର ଶିରିଡ଼ି ମେ ସାଧୁ, ଢୋଂଗୀ ଥା କୋଇ ଆୟା ।
ଭୋଲୀ, ଭାଲୀ ନଗର-ନିବାସୀ, ଜନତା କୋ ଥା ଭରମାୟା ।୬୯॥
ଜଡ଼ି-ବୁଟିଆ ଉନ୍ହେ ଦିଖାକର, କରନେ ଲଗା ୱହାଁ ଭାଷଣ ।
କହନେ ଲଗା ସୁନୋ ଶ୍ରୋତାଗଣ, ଘର ମେରା ହେ ବୃନ୍ଦାବନ ।୭୦॥
ଔଷଧି ମେରେ ପାସ ଏକ ହେ, ଔର୍ ଅଜବ ଇସିମେଁ ଶକ୍ତି ।
ଇସକେ ସେବନ କରନେ ସେ ହି, ହୋ ଜାତି ଦୁଃଖ ସେ ମୁକ୍ତି ॥୭୧॥
ଅଗର ମୁକ୍ତ ହୋନା ଚାହୋ ତୁମ ସଂକଟ ସେ, ବିମାରୀ ସେ ।
ତୋ ହେ ମେରା ନମ୍ର ନିବେଦନ, ହର ନର ସେ ହର ନାରୀସେ ॥୭୨॥
ଲୋ ଖରୀଦ ତୁମ ଇସକୋ, ଇସକି ସେବନ-ବିଧିୟାଁ ହେ ନ୍ୟାରୀ ।
ଯଦ୍ୟପି ତୁଚ୍ଛ ବସ୍ତୁ ହେ ୟହ, ଗୁଣ ଉସକେ ହେ ଅତିଶୟ ଭାରୀ ॥୭୩॥
ଯୋ ହେ ସନ୍ତାନହୀନ ୟହାଁ ଯଦି, ମେରୀ ଔଷଧି କୋ ଖାୟେ ।
ପୁତ୍ର-ରତ୍ନ ହୋ ପ୍ରାପ୍ତ, ଅରେ ଔର୍ ବହ ମୁହଁମାଁଗା ଫଲ ପାୟେ ॥୭୪॥

ଔଷଧ ମେରୀ ଜୋ ନ ଖରିଦେ, ଜୀବନଭର ପଛତାଏଗା ।
ମୁଝ ଯୈସା ପ୍ରାଣୀ ଶାୟଦ ହି, ଅରେ ୟହାଁ ଆ ପାୟେଗା ।।୭୫।।
ଦୁନିଆଁ ଦୋ ଦିନ କା ମେଲା ହେ, ମୌଜ-ଶୌକ ତୁମ ଭି କର ଲୋ ।
ପର ଇସସେ ମିଲତା ହେ ସବକୁଛ, ତୁମ ଭି ଇସକୋ ଲେ ଲୋ ।।୭୬।।
ହୈରାନି ବଢ଼ତି ଜନତା କି, ଦେଖ ଇସକି କାରସ୍ତାନି ।
ପ୍ରମୁଦିତ ୱହ ଭି ମନ ହି ମନ ଥା, ଦେଖ ଲୋଗୋଁ କି ନାଦାନି ।।୭୭।।
ଖବର ସୁନାନେ ବାବା କୋ ୟହ, ଗୟା ଦୌଡ଼କର ସେବକ ଏକ ।
ସୁନକର ଭୃକୁଟି ତନି ଔର୍, ବିସ୍ମରଣ ହୋ ଗୟା ସଭି ବିବେକ ।।୭୮।।
ହୁକୁମ୍ ଦିୟା ସେବକ କୋ, ସତ୍ୱର ପକଡ଼ ଦୁଷ୍ଟ କୋ ଲାଓ ।
ୟା ଶିରିଡ଼ି କି ସୀମା ସେ, କପଟୀ କୋ ଦୂର ଭଗାଓ ।।୭୯।।
ମେରେ ରହତେ, ଭୋଲି-ଭାଲି, ଶିରିଡ଼ି କି ଜନତା କୋ ।
କୌନ ନୀଚ ଐସା ଯୋ, ସାହସ କରତା ହେ ଛଲନେ କୋ ।।୮୦।।
ପଲଭର ମେ ହି ଐସେ ଢୋଂଗୀ, କପଟୀ ନିଚ ଲୁଟେରେ କୋ ।
ମହାନାଶ କେ ମହାଗର୍ତ ମେ, ପହୁଁଚା ଦୁଁ ଜୀବନ ଭର କୋ ।।୮୧।।
ତନିକ ମିଲା ଆଭାସ ମଦାରୀ, କ୍ରୁର,କୁଟିଲ, ଅନ୍ୟାୟୀ କୋ ।
କାଲ ନାଚତା ହେ ଅବ ସିର ପର, ଗୁସ୍ସା ଆୟା ସାଇ କୋ ।୮୨।
ପଲଭର ମେ ସବ ଖେଲ ବନ୍ଦ କର, ଭାଗା ସିର ପର ରଖକର ପୈର ।
ସୋଚ ରହା ଥା ମନ ହି ମନ, ଭଗବାନ! ନହିଁ ହେ କ୍ୟା ଅବ ଖୈର୍ ?।୮୩।
ସଚ ହେ ସାଇ ଯୈସା ଦାନୀ, ମିଲ ନ ସକେଗା ଜଗ ମେଁ ।
ଅଂଶ ଇସକା ସାଇବାବା, ଉନ୍ହେ ନ କୁଛ ଭି ମୁଶକିଲ ଜଗମେ ।।୮୪।।
ସ୍ନେହ, ଶୀଳ, ସୌଜନ୍ୟ ଆଦି କା, ଆଭୂଷଣ ଧାରଣ କର ।
ବଢ଼ତା ଇସ ଦୁନିଆଁ ମେ ଯୋ ଭି, ମାନବ-ସେବା କେ ପଥପର ।।୮୫।।
ୱହି ଜିତ ଲେତା ହେ ଜଗତି କେ ଜନ ଜନ କା ଅନ୍ତଃସ୍ତଳ ।
ଉସକି ଏକ ଉଦାସୀ ହି, ଜଗ କୋ କର ଦେତି ହେ ବିହ୍ୱଳ ।।୮୬।।
ଜବ-ଜବ ଜଗ ମେ ଭାର ପାପ କା, ବଢ଼ ବଢ଼ ହୋ ଯାତା ହେ ।
ଉସେ ମିଟାନେ କେ ହି ଖାତିର, ଅବତାରୀ ହୋ ଆତା ହେ ।୮୭।।

ପାପ ଔର୍ ଅନ୍ୟାୟ ସଭି କୁଛ, ଇସ ଜଗତି କା ହର କେ ।
ଦୂର ଭଗା ଦେତା ଦୁନିୟା କେ ଦାନବ କୋ କ୍ଷଣ ଭର ମେଁ ।।୮୮।।
ସ୍ନେହ-ସୁଧାକି ଧାର ବରସନେ, ଲଗତି ହେ ଦୁନିଆ ମେଁ ।
ଗଲେ ପରସ୍ପର ମିଲନେ ଲଗତେ, ଜନ-ଜନ ହେ ଆପସ ମେ ।।୮୯।।
ଐସେ ହି ଅବତାରୀ ସାଇ, ମୃତ୍ୟୁଲୋକ ମେ ଆକର ।
ସମତା କା ୟହ ପାଠ ପଢ଼ାୟା, ସବକୋ ଅପନା ଆପ ମିଟାକର ।।୯୦।।
ନାମ 'ଦ୍ୱାରକା' ମସ୍ଜିଦ୍ କା ରଖା ଶିରିଡ଼ି ମେ ସାଇ ନେ ।
ଦାପ, ତାପ, ସନ୍ତାପ ମିଟାୟା, ଯୋ କୁଛ ଆୟା ସାଇନେ ।।୯୧।।
ସଦା ୟାଦ ମେ ମସ୍ତ ରାମ କି, ବୈଠେ ରହତେ ଥେ ସାଇ ।
ପ୍ରହର ଆଠ ହି ରାମ ନାମ କା, ଭଜତେ ରହତେ ଥେ ସାଇ ।।୯୨।।
ସୁଖି-ରୁଖି ତାଜି-ବାସୀ, ଚାହେ ୟା ହୋୱେ ପକବାନ ।
ସଦା ପ୍ୟାର୍ କେ ଭୁଖେ ସାଇ କେ ଖାତିର ଥେ ସଭି ସମାନ ।।୯୩।।
ସ୍ନେହ ଔର ଶ୍ରଦ୍ଧା ସେ ଅପନୀ, ଜନ ଯୋ କୁଛ ଦେ ଜାତେ ଥେ ।
ବଡ଼େ ଚାଓ ସେ ଉସ ଭୋଜନ କୋ, ବାବା ପାବନ କରତେ ଥେ ।।୯୪।।
କଭି-କଭି ମନ ବହଲାନେ କୋ, ବାବା ବାଗ ମେ ଜାତେ ଥେ ।
ପ୍ରମୁଦିତ ମନ ମେ ନିରଖ ପ୍ରକୃତିଛଟା କୋ ବୋ ହୋତେ ଥେ ।।୯୫।।
ରଙ୍ଗ ବିରଙ୍ଗି ପୁଷ୍ପ ବାଗ କେ, ମନ୍ଦ-ମନ୍ଦ ହିଲ-ଡୁଲ କରକେ ।
ଦିଲଓ ବିରାନେ ମନ ମେ ଭି, ସ୍ନେହ ସଲିଲ ଭର ଯାତେ ଥେ ।।୯୬।।
ଐସି ସୁମଧୁର ବେଲା ମେ ଭି, ଦୁଃଖି, ଆପତ, ବିପଦ କେ ମାରେ ।
ଅପନେ ମନ କି ବ୍ୟଥା ସୁନାନେ, ଜନ ରହତେ ବାବା କୋ ଘେରେ ।।୯୭।।
ସୁନକର ଜିନକି କରୁଣା କଥାକୋ, ନୟନ-କମଲ ଭର ଆତେ ଥେ ।
ଦେ ବିଭୂତି ହର ବ୍ୟଥା, ଶାନ୍ତି ଉନକେ ଉରମେ ଭର ଦେତେ ଥେ ।।୯୮।।
ଜାନେ କ୍ୟା ଅଦ୍ଭୁତ ଶକ୍ତି, ଉସ ବିଭୂତି ମେ ହୋତି ଥୀ ।
ଯୋ ଧାରଣ କରତେ ମସ୍ତକ ପର, ଦୁଃଖ ସାରା ହର ଲେତି ଥୀ ।।୯୯।
ଧନ୍ୟ ମନୁଜ ବୋ ସାକ୍ଷାତ ଦର୍ଶନ, ଯୋ ବାବା ସାଇ କେ ପାୟେ ।
ଧନ୍ୟ କମଲକର ଉନକେ ଜିନସେ, ଚରଣ-କମଲ ବୋ ପରସାୟେ ।୧୦୦।

କାଶ ନିର୍ଭୟ ତୁମକୋ ଭି ସାକ୍ଷାତ ସାଇ ମିଲ ଜାତା ।
ବର୍ଷୋ ସେ ଉଜଡ଼ା ଚମନ ଅପନା, ଫିରସେ ଆଜ ଖିଲ ଯାତା ।।୧୦୧।।
ଗର ପକଡ଼ତା ମେ ଚରଣ ଶ୍ରୀକେ, ନହିଁ ଛୋଡ଼ତା ଉମ୍ରଭର ।
ମନା ଲେତା ମେ ଜରୁର ଉନକୋ, ଗର ରୁଠତେ ସାଇ ମୁଝପର ।।୧୦୨।।

ଶ୍ରୀ ସାଇବାବାଙ୍କର ଆରତୀ

ଜୟ ଗୁରୁ ସାଇ ପ୍ରଭୁ, ଓଁ ଜୟ ଗୁରୁ ସାଇ ପ୍ରଭୁ !
ସଦ୍‌ଚିଦ୍ ଆନନ୍ଦ ରୂପା (୨ଥର) ତୁଝକୋ ମେ ବନ୍ଦୁ ।
ଓଁ ଜୟଗୁରୁ ସାଇ ପ୍ରଭୁ ।
ପତିତପାବନ ଦେବ, କରୁଣାସାଗର ତୁ, ଗୁରୁ (୨ଥର)
କରୁଣାମୟ ତୁଝ ଦୃଷ୍ଟ (୨ଥର) ମିଲେ ମୁକ୍ତି ସବକୋ ।
ଓଁ ଜୟ ଗୁରୁ ସାଇ ପ୍ରଭୁ ।
କିୟେ ହେଁ କାର୍ଯ୍ୟ ଅନେକ, ଭକ୍ତ ଜନୌଁ କେ ଲିୟେ ଗୁରୁ । (୨ଥର)
ବ୍ରହ୍ମାନନ୍ଦ ମହାଲେ ମାନବ-ପଙ୍ଖେରା । ଓଁ ଜୟ ଗୁରୁ ସାଇ ପ୍ରଭୁ ।
ତେରେ ଅମି ଲୋଚନିୟେ ସେ ବରସେ ବ୍ରହ୍ମସୁଧା, ଗୁରୁ (୨ଥର)
ଦୃଷ୍ଟି ଦେବୀ ମିଲେ ଭବସିନ୍ଧୁ ତରନେ । ଓଁ ଜୟଗୁରୁ ସାଇ ପ୍ରଭୁ ।
ତୋଡ଼ି ଗ୍ରନ୍ଥି ଅନେକ ଜ୍ଞାନ କେ ଦାନ ଦିଁୟେ, ଗୁରୁ (୨ଥର)
ମୁଝେ ଅନ୍ତର ସେ ପ୍ରଗଟେ ସଦ୍‌ଗୁରୁ ସାଇ ହରି ।
ଓଁ ଜୟ ଗୁରୁ ସାଇ ପ୍ରଭୁ ।
ତୁ ହି ବିରଞ୍ଚି ନାଥ, ତୁ ହି ସୃଷ୍ଟି କର୍ତ୍ତା, ଗୁରୁ (୨ଥର)
ତୁ ହି ଶଙ୍କରସଂହର୍ତା, ତୁହି ବିଶ୍ୱବଂଭର୍ତ୍ତା । ଓଁ ଜୟ ଗୁରୁ ସାଇ ପ୍ରଭୁ ।
ବିଧି ବିଧ ରୂପ ସେ ନାଥ, ଦର୍ଶନ ତୁନେ ଦିୟେ ଗୁରୁ । (୨ଥର)
ଜ୍ଞାନ ପ୍ରକାଶୋ ବାବା ତିମିର ହର ଲିୟେ । ଓଁ ଜୟ ଗୁରୁ ସାଇ ପ୍ରଭୁ ।
ଶ୍ରୀ ସଚ୍ଚିଦାନନ୍ଦସ୍ୱରୂପ ସଦ୍‌ଗୁରୁ ଶ୍ରୀ ସାଇନାଥ ମହାରାଜ କି ଜୟ ।

ସାଇ ଅଷ୍ଟୋତ୍ତର ଶତ ନାମାବଳୀ

୧. ଓଁ ଶ୍ରୀ ସାଇନାଥାୟ ନମଃ । ୨. ଓଁ ଲକ୍ଷ୍ମୀ ନାରାୟଣାୟ ନମଃ ।
୩. ଓଁ କୃଷ୍ଣରାମ ଶିବ ମାରୁତ୍ୟାଦି ରୂପାୟ ନମଃ । ୪. ଓଁ ଶେଷ ଶାୟିନେ ନମଃ ।
୫. ଓଁ ଗୋଦାବରୀତଟ ଶୀଳଧୀବାସିନେ ନମଃ ୬. ଓଁ ଭକ୍ତ ହୃଦାଳୟାୟ ନମଃ ।
୭. ଓଁ ସର୍ବ ହୃନ୍ନିଲୟାୟ ନମଃ । ୮. ଓଁ ଭୂତାବାସାୟ ନମଃ ।
୯. ଓଁ ଭୂତ ଭବିଷ୍ୟ ଭାବ ବର୍ଜିତାୟ ନମଃ । ୧୦. ଓଁ କାଳାତୀତାୟ ନମଃ ।
୧୧. ଓଁ କାଳାୟ ନମଃ । ୧୨. ଓଁ କାଳ କାଳାୟ ନମଃ ।
୧୩. ଓଁ କାଳଦର୍ପ ଦମନାୟ ନମଃ । ୧୪. ଓଁ ମୃତ୍ୟୁଞ୍ଜୟାୟ ନମଃ ।
୧୫. ଓଁ ଅମର୍ତ୍ତ୍ୟାୟ ନମଃ । ୧୬. ଓଁ ମର୍ତ୍ତ୍ୟାଭୟ ପ୍ରଦାୟ ନମଃ ।
୧୭. ଓଁ ଜୀବାଧାରାୟ ନମଃ । ୧୮. ଓଁ ସର୍ବାଧାରାୟ ନମଃ ।
୧୯. ଓଁ ଭକ୍ତାବନ ସମର୍ଥାୟ ନମଃ । ୨୦. ଓଁ ଭକ୍ତାବନ ପ୍ରତିଜ୍ଞାୟ ନମଃ ।
୨୧. ଓଁ ଅନ୍ନ ବସ୍ତ୍ରଦାୟ ନମଃ । ୨୨. ଓଁ ଆରୋଗ୍ୟ କ୍ଷେମଦାୟ ନମଃ ।
୨୩. ଓଁ ଧନମାଙ୍ଗଲ୍ୟ ପ୍ରଦାୟ ନମଃ । ୨୪. ଓଁ ଋଦ୍ଧିସିଦ୍ଧିଦାୟ ନମଃ ।
୨୫. ଓଁ ପୁତ୍ରମିତ୍ର କଳତ୍ର ବନ୍ଧୁଦାୟ ନମଃ । ୨୬. ଓଁ ଯୋଗକ୍ଷେମ ବହାୟ ନମଃ ।
୨୭. ଓଁ ଆପଦ୍‌ବାନ୍ଧବାୟ ନମଃ । ୨୮. ଓଁ ମାର୍ଗବାନ୍ଧବେ ନମଃ ।
୨୯. ଓଁ ଭୁକ୍ତି ମୁକ୍ତି ସ୍ୱର୍ଗାପବର୍ଗଦାୟ ନମଃ । ୩୦. ଓଁ ପ୍ରିୟାୟ ନମଃ ।
୩୧. ଓଁ ପ୍ରୀତି ବର୍ଦ୍ଧନାୟ ନମଃ । ୩୨. ଓଁ ଅନ୍ତର୍ଯ୍ୟାମିନେ ନମଃ ।
୩୩. ଓଁ ସଚ୍ଚିଦାତ୍ମନେ ନମଃ । ୩୪. ଓଁ ନିତ୍ୟାନନ୍ଦାୟ ନମଃ ।
୩୫. ଓଁ ପରମସୁଖଦାୟ ନମଃ । ୩୬. ଓଁ ପରମେଶ୍ୱରାୟ ନମଃ ।
୩୭. ଓଁ ପରମବ୍ରହ୍ମଣେ ନମଃ । ୩୮. ଓଁ ପରମାତ୍ମନେ ନମଃ ।
୩୯. ଓଁ ଜ୍ଞାନସ୍ୱରୂପିଣେ ନମଃ । ୪୦. ଓଁ ଜଗତଃପିତ୍ରେ ନମଃ ।
୪୧. ଓଁ ଭକ୍ତାନାଂ ମାତୃଧାତୃ ପିତାମହାୟ ନମଃ ୪୨. ଓଁ ଭକ୍ତା ଭୟ ପ୍ରଦାୟ ନମଃ ।
୪୩. ଓଁ ଭକ୍ତ ପରାଧୀନାୟ ନମଃ । ୪୪. ଓଁ ଭକ୍ତାନୁଗ୍ରହକାତରାୟ ନମଃ ।
୪୫. ଓଁ ଶରଣାଗତ ବତ୍ସଳାୟ ନମଃ । ୪୬. ଓଁ ଭକ୍ତିଶକ୍ତି ପ୍ରଦାୟ ନମଃ ।
୪୭. ଓଁ ଜ୍ଞାନ ବୈରାଗ୍ୟଦାୟ ନମଃ । ୪୮. ଓଁ ପ୍ରେମପ୍ରଦାୟ ନମଃ ।
୪୯. ଓଁ ସଂଶୟ ହୃଦୟ ଦୌର୍ବଲ୍ୟ ପାପକର୍ମ ବାସନା କ୍ଷୟ କରାୟ ନମଃ ।
୫୦. ଓଁ ହୃଦୟ ଗ୍ରନ୍ଥି ଭେଦକାୟ ନମଃ । ୫୧. ଓଁ କର୍ମଧ୍ୱଂସିନେ ନମଃ ।
୫୨. ଓଁ ଶୁଦ୍ଧ ସତ୍ତ୍ୱସ୍ଥିତାୟ ନମଃ । ୫୩. ଓଁ ଗୁଣାତୀତ ଗୁଣାତ୍ମନେ ନମଃ ।

୫୪. ଓଁ ଅନନ୍ତ କଲ୍ୟାଣ ଗୁଣାୟ ନମଃ । ୫୫. ଓଁ ଅମିତ ପରାକ୍ରମାୟ ନମଃ ।
୫୬. ଓଁ ଜୟିନେ ନମଃ । ୫୭. ଓଁ ଦୁର୍ଦ୍ଧର୍ଷାକ୍ଷୋଭ୍ୟାୟ ନମଃ ।
୫୮. ଓଁ ଅପରାଜିତାୟ ନମଃ । ୫୯. ଓଁ ତ୍ରିଲୋକେଷୁ ଅବିଘାତ ଗତୟେ ନମଃ
୬୦. ଓଁ ଅଶକ୍ୟ ରହିତାୟ ନମଃ । ୬୧. ଓଁ ସର୍ବଶକ୍ତି ମୂର୍ତ୍ତୟେ ନମଃ ।
୬୨. ଓଁ ସ୍ୱରୂପ ସୁନ୍ଦରାୟ ନମଃ । ୬୩. ଓଁ ସୁଲୋଚନାୟ ନମଃ ।
୬୪. ଓଁ ବହୁରୂପ ବିଶ୍ୱମୂର୍ତ୍ତୟେ ନମଃ । ୬୫. ଓଁ ଅରୂପା ବ୍ୟକ୍ତାୟ ନମଃ ।
୬୬. ଓଁ ଅଚିନ୍ତ୍ୟାୟ ନମଃ । ୬୭. ଓଁ ସୂକ୍ଷ୍ମାୟ ନମଃ ।
୬୮. ଓଁ ସର୍ବାନ୍ତର୍ଯ୍ୟାମିନେ ନମଃ । ୬୯. ଓଁ ମନୋବାଗତୀତାୟ ନମଃ ।
୭୦. ଓଁ ପ୍ରେମ ମୂର୍ତ୍ତୟେ ନମଃ । ୭୧. ଓଁ ସୁଲଭ ଦୁର୍ଲଭାୟ ନମଃ ।
୭୨. ଓଁ ଅସହାୟ ସହାୟାୟ ନମଃ । ୭୩. ଓଁ ଅନାଥନାଥ ଜୀବ ବାନ୍ଧବେ ନମଃ ।
୭୪. ଓଁ ସର୍ବ ଭାରଭୃତେ ନମଃ । ୭୫. ଓଁ ଅକର୍ମାନେକ କର୍ମ ସୁକର୍ମିଣେ ନମଃ ।
୭୬. ଓଁ ପୁଣ୍ୟ ଶ୍ରବଣ କୀର୍ତ୍ତନାୟ ନମଃ । ୭୭. ଓଁ ତୀର୍ଥାୟ ନମଃ ।
୭୮. ଓଁ ବାସୁଦେବାୟ ନମଃ । ୭୯. ଓଁ ସତାଂଗତୟେ ନମଃ ।
୮୦. ଓଁ ସତ୍ପରାଣାୟ ନମଃ । ୮୧. ଓଁ ଲୋକନାଥାୟ ନମଃ ।
୮୨. ଓଁ ପାବନାନଘାୟ ନମଃ । ୮୩. ଓଁ ଅମୃତାଂଶବେ ନମଃ ।
୮୪. ଓଁ ଭାସ୍କର ପ୍ରଭାୟ ନମଃ । ୮୫.ଓଁ ବ୍ରହ୍ମଚର୍ଯ୍ୟ ତପଶ୍ଚର୍ଯ୍ୟାଦି ସୁବ୍ରତାୟ ନମଃ ।
୮୬. ଓଁ ସତ୍ୟଧର୍ମ ପରାୟଣାୟ ନମଃ । ୮୭. ଓଁ ସିଦ୍ଧେଶ୍ୱରାୟ ନମଃ ।
୮୮. ଓଁ ସିଦ୍ଧସଂକଳ୍ପାୟ ନମଃ । ୮୯. ଓଁ ଯୋଗେଶ୍ୱରାୟ ନମଃ ।
୯୦. ଓଁ ଭଗବତେ ନମଃ । ୯୧. ଓଁ ଭକ୍ତ ବତ୍ସଳାୟ ନମଃ ।
୯୨. ଓଁ ସତ୍ ପୁରୁଷାୟ ନମଃ ୯୩. ଓଁ ପୁରୁଷୋତ୍ତମାୟ ନମଃ ।
୯୪. ଓଁ ସତ୍ୟତତ୍ତ୍ୱ ବୋଧକାୟ ନମଃ । ୯୫. ଓଁ କାମାଦି ଷଡ଼୍‌ବୈରିଧ୍ୱଂସିନେ ନମଃ ।
୯୬. ଓଁ ଅଭେଦାନନ୍ଦାନୁଭବ ପ୍ରଦାୟ ନମଃ । ୯୭. ଓଁ ସମସର୍ବମତ ସମତାୟ ନମଃ ।
୯୮. ଓଁ ଶ୍ରୀ ଦକ୍ଷିଣାମୂର୍ତ୍ତୟେ ନମଃ । ୯୯. ଓଁ ଶ୍ରୀ ଭେଙ୍କଟେଶ ରମଣାୟ ନମଃ ।
୧୦୦.ଓଁ ଅଦ୍ଭୁତ ଅନନ୍ତ ଚର୍ଯ୍ୟାୟ ନମଃ । ୧୦୧.ଓଁ ପ୍ରପନ୍ନାର୍ତ୍ତି ହରାୟ ନମଃ ।
୧୦୨.ଓଁ ସଂସାର ସର୍ବଦୁଃଖ କ୍ଷୟକରାୟ ନମଃ ।୧୦୩.ଓଁ ସର୍ବବିତ୍ସର୍ବତୋମୁଖାୟ ନମଃ ।
୧୦୪.ଓଁ ସର୍ବାନ୍ତର୍ବହିଃ ସ୍ଥିତାୟ ନମଃ । ୧୦୫.ଓଁ ସର୍ବମଙ୍ଗଳ କରାୟ ନମଃ ।
୧୦୬.ଓଁ ସର୍ବାଭୀଷ୍ଟ ପ୍ରଦାୟ ନମଃ । ୧୦୭.ଓଁ ସମରସ ସନ୍ମାର୍ଗ ସ୍ଥାପନାୟ ନମଃ ।
୧୦୮. ଓଁ ଶ୍ରୀ ସମର୍ଥ ସଦ୍‌ଗୁରୁ ସାଇନାଥାୟ ନମଃ ।

// ହରି ଓଁ ତତ୍‌ସତ୍ / ଶ୍ରୀ ସାଇ ପରମାତ୍ମନେ ନମଃ //